Daily Edition:
RNI No.ODIODI/2010/33791

ବୁଧବାର, ୩ ମଇ, ୨୦୨୩
ଭାଗ ୧୩, ସଂଖ୍ୟା ୨୩୫

Wednesday 3 May - 2023
Volume XIII, Issue No 235

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଯୁଗାବ୍ଦ ୫୧୨୫, ସମ୍ବତ ୨୦୮୦
ମେଷ ୨୦, ୧୩ଶୀ

www.srutinews.com

# ଶ୍ରୁତି SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ

## ଅଙ୍ଗନବାଡି କେନ୍ଦ୍ରକୁ ଉନ୍ନୀତ ହେଲେ ୨୮୩୬ ମିନି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ରାଜ୍ୟର ୨୮୩୬ ମିନି ଅଙ୍ଗନବାଡି କୁ ଉନ୍ନୀତ କରାଯାଇ ଅଙ୍ଗନବାଡି କେନ୍ଦ୍ରରେ ରାଜ୍ୟ ସରକାର ପରିଣତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କୀତ ପ୍ରସ୍ତାବକୁ ସୋମବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୭୪୧୫୪ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୦୪୧୬ ମିନି ଅଙ୍ଗନବାଡି ଥିଲା .ତନ୍ମଧ୍ୟରୁ ୨୮୩୬ ମିନି ଅଙ୍ଗନବାଡି ଏବେ ଉନ୍ନୀତ ହେଲା।ଏହାସହିତ ଏହି ଅଙ୍ଗନବାଡି କେନ୍ଦ୍ର ଗୁଡିକର ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ଯଥା – ଔଷଧ, ଆସବାବପତ୍ର ଓ ପ୍ରଶାସନିକ ଖର୍ଚ୍ଚ ତୁଲାଇବା ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯିବ। ଏଥିପାଇଁ ସାରା ରାଜ୍ୟରେ ୧୧୪ଟି ସୁପର ଭାଇଜର ପଦବୀ ସୃଷ୍ଟି କରାଯାଇଛି। ଏହି ଅପଗ୍ରେଡେସନ ସହିତ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀଙ୍କୁ ସହାୟତା କରିବା ପାଇଁ ଜଣେ ଜଣେ ଅଙ୍ଗନବାଡି ସହାୟକ ନିଯୁକ୍ତ କରାଯିବ।ଏହିପରି ୨୮୩୬ ଅଙ୍ଗନବାଡି ସହାୟକଙ୍କୁ ନିଯୁକ୍ତ କରାଯିବ ଏବଂ ଏହାସହିତ, ୨୮୩୬ ମିନି ଅଙ୍ଗନବାଡି କର୍ମୀ ପଦବୀକୁ ଉନ୍ନୀତ କରାଯାଇ



ଅଙ୍ଗନବାଡି କର୍ମୀ ପଦବୀ ସୃଷ୍ଟି କରାଯିବ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୮,୭୫,୪୧,୪୪୦ ଟଙ୍କା ଖର୍ଚ୍ଚ କରିବେ ।

## ମେ୬ ସୁଦ୍ଧା ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସମ୍ଭାବନା

### ୪୮ ଘଣ୍ଟାରେ ଲଘୁଚାପ ହୋଇପାରେ

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ଆଗାମୀ ମେ'୬ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି।ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ପରବର୍ତୀ ୪୮ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।
ଅପରପକ୍ଷରେ କାଳବୈଶାଖୀ ସମ୍ଭାବନା ଥିବାରୁ ଆଜି ପାଇଁ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ନୂଆପଡା, ବଲାଙ୍ଗିର, କନ୍ଧମାଳ ,ଗଂଜାମ୍, ଗଜପତି, ରାୟଗଡା, କଳାହାଣ୍ଡି. ନବରଙ୍ଗପୁର , କୋରାପୁଟ ଓ ମାଲକାନଗିରି।
ସେହିପରି କାଳବୈଶାଖୀ ସହ ୩୦ରୁ ୪୦ କିମି ବେଗରେ ପବନ ବହିବାକୁ ଥିବାରୁ ଆସନ୍ତାକାଲି (୩ ତାରିଖ) ପାଇଁ କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ନୂଆପଡା, ବଲାଙ୍ଗିର, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୁରଭଂଜ, କେନ୍ଦୁଝର , କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, ଅନୁଗୁଳ ଓ ଢେଙ୍କାନାଳ।

## ଖୋର୍ଦ୍ଧାରେ ଶିଳ୍ପାଞ୍ଚଳ ପୁଲିସ ଷ୍ଟେସନ ଓ କେଉଁଝରର ବଡବିଲରେ ଟ୍ରାଫିକ ପୋଲିସ ଷ୍ଟେସନକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ; ୪୭ ନୂଆ ପଦବୀ ସୃଷ୍ଟି

■ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଆଉଟପୋଷ୍ଟ ହେଲା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପୋଲିସ ଷ୍ଟେସନ, ୨୩ଟି ଅତିରିକ୍ତ ପଦବୀ ସୃଷ୍ଟି
■ କେନ୍ଦୁଝର ଓ ବଡବିଲରେ ହେବ ଦୁଇଟି ଟ୍ରାଫିକ ପୋଲିସ ଷ୍ଟେସନ, ୨୪ଟି ଅତିରିକ୍ତ ପଦବୀ ସୃଷ୍ଟି

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ଖୋର୍ଦ୍ଧା ଶିଳ୍ପାଂଚଳ ପୋଲିସ ଆଉଟପୋଷ୍ଟକୁ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ପୋଲିସ ଷ୍ଟେସନ ଭାବେ ଉନ୍ନୀତ କରାଯାଇଛି ଏବଂ ଏଥିପାଇଁ ୨୩ଟି ଅତିରିକ୍ତ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ଏ ସଂପର୍କୀୟ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଖୋର୍ଦ୍ଧା ଶିଳ୍ପାଂଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ।
ଏହି ପୋଲିସ ଷ୍ଟେସନରେ ସୃଷ୍ଟି ହୋଇଥିବା ୨୩ଟି ନୂତନ ପଦବୀ ମଧ୍ୟରେ ଗୋଟିଏ ଇନ୍‌ସପେକ୍ଟର, ୬ଟି ସବ୍ ଇନିସପେକ୍ଟର, ୩ଟି ଆସିଷ୍ଟାଣ୍ଟ ସବ୍ ଇନିସପେକ୍ଟର, ୨ଟି ହାବିଲଦାର ଏବଂ ୧୧ଟି କନେଷ୍ଟବଳ ପଦବୀ ରହିଛି।
ସେହିପରି ରାଜ୍ୟ ସରକାର କେନ୍ଦୁଝର ଓ ବଡବିଲ ସହରରେ ଦୁଇଟି ଟ୍ରାଫିକ ପୋଲିସ ଷ୍ଟେସନ ମଧ୍ୟ ସୃଷ୍ଟି କରିଛନ୍ତି ଏବଂ ଏଥିପାଇଁ ୨୪ଟି ନୂତନ ପଦବୀ ମଂଜୁର କରାଯାଇଛି। ଏ ସଂପର୍କୀୟ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଛି। ଏହାଦ୍ୱାରା ଏହି ଦୁଇଟି ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି।
ଏହି ଦୁଇଟି ଟ୍ରାଫିକ ପୋଲିସ ଷ୍ଟେସନ ପାଇଁ ସୃଷ୍ଟି ହୋଇଥିବା ୨୪ଟି ପଦବୀ ମଧ୍ୟରେ ୨ଟି ଇନ୍‌ସପେକ୍ଟର, ୬ଟି ଆସିଷ୍ଟାଣ୍ଟ ସବ୍‌ଇନସ୍‌ପେକ୍ଟର ଓ ୧୬ଟି କନେଷ୍ଟବଳ ପଦବୀ ରହିଛି।

## ସମ୍ବଲପୁରରେ ପୁନର୍ବାର ବିଶୃଙ୍ଖଳା ସୃଷ୍ଟି ହେଲେ ବିଜେପି ଦାୟୀ ରହିବ: ବିଜେଡି

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ସମ୍ବଲପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରି ଆସିଛି। ଏହି ଘଟଣାରେ ସଂପୃକ୍ତ ଅଧିକାଂଶ ଗଣ୍ଡଗୋଳକାରୀ ଗିରଫ ହୋଇ ଜେଲରେ ଅଛନ୍ତି। ମାତ୍ର ଏହି ଘଟଣାକୁ ନେଇ ହୀନ ରାଜନୀତିର ଖେଳ ଖେଳିବା ପାଇଁ ବିଜେପି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜରିଆରେ ଉଦ୍ୟମ କରୁଛି। ଏହା ଫଳରେ ଯଦି ସମ୍ବଲପୁରରେ ପୁଣିଥରେ ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ଏଥିପାଇଁ ଓଡ଼ିଶା ବିଜେପି ସଂପୂର୍ଣ୍ଣ ରୂପେ ଦାୟୀ ରହିବ ବୋଲି ମଙ୍ଗଳବାର ସମ୍ବଲପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାପତି ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।
ସେ କହିଛନ୍ତି ସେମାନେ ଚାହାନ୍ତି, ସମ୍ବଲପୁରରେ ଏହି ବିଶୃଙ୍ଖଳା ଲାଗି ରହୁ। ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଥିଲେ ଯେ ସମ୍ବଲପୁରକୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇ ଓଡ଼ିଶା ବିଜେପି କ'ଣ ଏଇ କଥା କହିବାକୁ ଚାହୁଁଛି ଯେ କୋର୍ଟ, ତଦନ୍ତକାରୀ ସଂସ୍ଥା, ମାନବାଧିକାର କମିସନ ବା ଏସ୍‌ଟି କମିସନ ଭଳି ଆୟୋଗ ଉପରେ ମଧ୍ୟ ସେମାନଙ୍କର ଭରସା ନାହିଁ? ଯଦି ଏହା ଠିକ୍ ତେବେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଭଳି ବିଜେପିଶାସିତ ରାଜ୍ୟରେ ଯେତେବେଳେ ନିୟମିତ ଭାବେ ଏମିତି ଅଘଟଣମାନ ଘଟେ, ସେଠାକୁ ବିଜେପି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଏ କି?
ଓଡିଶା ବିଜେପିକୁ ଆକ୍ଷେପ କରି ଶ୍ରୀମତୀ ଛୁରିଆ କହିଲେ ଯେ ଓଡ଼ିଶା ବିଜେପିର ଏଭଳି ହୀନ ରାଜନୀତି ପାଇଁ ଅତ୍ୟନ୍ତ ଅସୁଖୀ ଏବଂ କ୍ଷୁବ୍ଧ ଅଛନ୍ତି। ଏହି କାରଣରୁ ସେମାନେ ଓଡ଼ିଶାରେ ବିଜେପିକୁ ବିଗତ ୨୩ ବର୍ଷ ହେଲା ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ପ୍ରତ୍ୟାଖ୍ୟାନ କରିବେ। ଏବେ ଯଦି ପୁଣିଥରେ କିଛି ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ଏହା କେବଳ ଓଡ଼ିଶା ବିଜେପି ପାଇଁ ଘଟିବ ଏବଂ ଜାଣିଶୁଣି ଏଠାରେ ରାଜନୈତିକ ବିଶୃଙ୍ଖଳା ସୃଷ୍ଟି କରିବାକୁ ସେମାନଙ୍କର ରଣନୀତି ପାଇଁ ହିଁ ଉତ୍ପନ୍ନ ହେବ। ଏହି ବିଶୃଙ୍ଖଳା ପାଇଁ ଓଡ଼ିଶା ବିଜେପି ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ। ଲୋକେ ଏହା ମଧ୍ୟ ହୃଦୟଙ୍ଗମ କରିବେ ଯେ ଏଭଳି ଏକ ପାର୍ଟି ଓଡ଼ିଶାର ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଆଦୌ ମଙ୍ଗଳକର ନୁହେଁ। ଏହା ଫଳରେ ଓଡ଼ିଶାବାସୀଙ୍କ ଆଗରେ ଓଡ଼ିଶା ବିଜେପିର ଛବି ଆହୁରି ମଳିନ ହୋଇଯିବ ବୋଲି ସେ ଚେତାଇ ଦେଇଥିଲେ।
ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁରର ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀ, ବିଜେଡିର ସମ୍ବଲପୁର ଜିଲ୍ଲା ସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଓ ବିଜେଡି ମୁଖପାତ୍ର ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ତୃତୀୟ ଦିନରେ ୫ଟି ଜିଲ୍ଲାର ୪୪୯ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ତୃତୀୟ ଦିନରେ ମଙ୍ଗଳବାର ୫ଟି ଜିଲ୍ଲାର ୪୪୯ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଏଥିରେ ବାଲେଶ୍ୱର ଜିଲ୍ଲାର ୨୩୩ଟି ହାଇସ୍କୁଲ, ନୟାଗଡ ଜିଲ୍ଲାର ୬୪ଟି, ନୂଆପଡା ଜିଲ୍ଲାର ୫୮ଟି, ସୁନ୍ଦରଗଡ ଜିଲ୍ଲାର ୪୯ଟି ହାଇସ୍କୁଲ ଏବଂ ରାୟଗଡା ଜିଲ୍ଲାର ୪୫ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟରେ ତିନି ଦିନରେ ସମୁଦାୟ ୧୧୩୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେଲା। ସୂଚନାଯୋଗ୍ୟ ଯେ ଗତ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ଟି ସ୍କୁଲ ରୂପାନ୍ତରିତ ହୋଇଛି। ତିନୋଟି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ସ୍କୁଲ ରୂପାନ୍ତରିତ ହେବ।
ଏହି ଅବସରରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଯୋଡି ହୋଇଥିବା ସ୍କୁଲ ଗୁଡିକରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଉପଯୋଗ ସଂପର୍କରେ ବୁଝାଇ କହିଲେ ଯେ ବର୍ତମାନ ଯୁଗ ହେଉଛି ଟେକ୍‌ନୋଲୋଜିର ଯୁଗ । ଜୀବନର ସବୁ କ୍ଷେତ୍ରକୁ ଟେକ୍‌ନୋଲୋଜି ପ୍ରଭାବିତ କରୁଛି। ତେଣୁ ପିଲାମାନେ ନୂଆ ନୂଆ ଟେକ୍‌ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ । ଏହାଦ୍ୱାରା ସେମାନେ ଆଧୁନିକ ଯୁଗରେ ସବୁ କ୍ଷେତ୍ରରେ ଆଗରେ ରହିପାରିବେ।
ସେହିପରି ସମୟ ଉପରେ ଗୁରୁତ୍ୱ ଦେବକୁ ପରାମର୍ଶ ଦେଇ ସେ କହିଲେ ଯେ ସମୟର ଗୁରୁତ୍ୱ ସଂପର୍କରେ ସମସ୍ତେ ଜାଣିଛନ୍ତି। ତେଣୁ ପିଲାମାନେ ସମୟର ଉପଯୋଗ ଠିକ୍ ଭାବରେ କରିପାରିଲେ, ସବୁକ୍ଷେତ୍ରରେ ନିଶ୍ଚୟ ଆଗରେ ରହିବେ।
କାର୍ଯ୍ୟକ୍ରମରେ ଉପସ୍ଥିତ ବାଲେଶ୍ୱର ଜିଲ୍ଲାରେ ସୋର ବିଧାୟକ ପର୍ଶୁରାମ ଧଡା, ନୟାଗଡରେ ବିଧାୟକ ଡଃ ଅରୁଣ କୁମାର ସାହୁ, ନୂଆପଡାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସୁନ୍ଦରଗଡରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରାୟଗଡାରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ସେମାନଙ୍କ ମତାମତ ରଖି କହିଥିଲେ ଯେ ଶିକ୍ଷା କ୍ଷେତ୍ରରେ ଏ ରୂପାନ୍ତର ସାରା ଭାରତବର୍ଷରେ ଗୁଞ୍ଜରଣ ସୃଷ୍ଟି କରିଛି। ଶିକ୍ଷା କ୍ଷେତ୍ରରେ ଏ ବୈପ୍ଳବିକ ପରିବର୍ତନ ସାରା ଓଡିଶାର ଭବିଷ୍ୟତକୁ ଉଜ୍ଜଳ କରିଛି । ବିଧାୟକ ଡଃ ଅରୁଣ ସାହୁ କହିଲେ ଯେ ସ୍କୁଲ ରୂପାନ୍ତର ଯୋଗୁ ଆଜି ସରକାରୀ ସ୍କୁଲର ମର୍ଯ୍ୟାଦା ବୃଦ୍ଧି ପାଇଛି। ବେସରକାରୀ ସ୍କୁଲରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଆଜି ସରକାରୀ ସ୍କୁଲକୁ ଫେରାଇ ଆଣୁଛନ୍ତି। କେବଳ ନୟାଗଡ ଜିଲ୍ଲାରେ ୭୦୦ ପିଲା ବେସରକାରୀ ସ୍କୁଲରୁ ସରକାରୀ ସ୍କୁଲକୁ ଆସିଛନ୍ତି ବୋଲି ସେ କହିଥିଲେ । ସ୍କୁଲ ରୂପାନ୍ତର ଆଗାମୀ ପୀଢିର ଭବିଷ୍ୟତକୁ ଉଜ୍ଜଳ ଓ ସୁଦୃଢ କରିଛି ବୋଲି ସେ ମତ ଦେଇଥିଲେ।
କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ ସବୁ ଜିଲ୍ଲା ଗୁଡିକରେ ଆଉ ଯେତେ ସରକାରୀ ହାଇସ୍କୁଲ ରହିଛି, ସେ ସବୁ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ହେବ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସରକାରୀ ସ୍କୁଲକୁ ରୂପାନ୍ତରିତ କରାଯିବ ବୋଲି ସେ କହିଥିଲେ।
ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପି ସମ୍ବଲପୁରରେ ଜାଣିଶୁଣି ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛି : ବିଜେଡି

ଭୁବନେଶ୍ୱର, ୦୨ /୫(ଶ୍ରୁ.ମି.) : ସମ୍ବଲପୁରବାସୀଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ଆନ୍ତରିକ ପ୍ରୟାସ ସାଙ୍ଗକୁ ପୁଲିସ ଓ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ଫଳରେ ସମ୍ବଲପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରି ଆସିଛି। ଏହାଛଡ଼ା ଗଣ୍ଡଗୋଳକାରୀମାନଙ୍କୁ ମଧ୍ୟ ଗିରଫ କରି ଜେଲକୁ ପଠାଯାଇଛି। ମାତ୍ର ଓଡ଼ିଶା ବିଜେପି ନେତାମାନେ ସମ୍ବଲପୁର ଘଟଣାରେ ଜାଣିଶୁଣି ବିବାଦୀୟ, ଘୃଣା ଉଦ୍ରେକକାରୀ ଏବଂ ଉସୁକାଇଲା ଭଳି ମନ୍ତବ୍ୟ ଦେଇ ଏଠାରେ ପୁଣିଥରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ସୋମବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ଅଭିଯୋଗ କରିଛନ୍ତି।
ଶ୍ରୀ ଆଚାର୍ଯ୍ୟ ଆହୁରି କହିଲେ ଯେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସମ୍ବଲପୁରକୁ ବିଜେପିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଉଥିବା ଶୁଣି ଆମକୁ ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଦେଶରେ ଥିବା ବିଜେପି ଶାସିତ ରାଜ୍ୟମାନଙ୍କରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ସବୁଠାରୁ ଅଧିକ ହୁଏ। ଏନ୍‌ସିଆରବି ତଥ୍ୟ କହୁଛି ୨୦୧୯ରେ ଘଟିଥିବା ୨୫ଟି ସାମ୍ପ୍ରଦାୟିକ ଗଣ୍ଡଗୋଳ ମଧ୍ୟରୁ ବିଜେପିଶାସିତ ଉତରପ୍ରଦେଶରେ ସର୍ବାଧିକ ୯ଟି, ମହାରାଷ୍ଟ୍ରରେ ୪ଟି ଏବଂ ମଧ୍ୟପ୍ରଦେଶର ୨ଟି ହୋଇଥିଲା। ୨୦୨୧ରେ ସର୍ବାଧିକ ସାମ୍ପ୍ରଦାୟିକ ହିଂସା ହରିଆନାରେ ହୋଇଥିବା ବେଳେ ୨୦୨୨ ? ଏପ୍ରିଲ ସୁଦ୍ଧା ଗୁଜୁରାଟ ଓ ମଧ୍ୟପ୍ରଦେଶ ସବୁଠୁ ଆଗରେ ରହିଥିଲେ। କିନ୍ତୁ ଏହିସବୁ ବିଜେପିଶାସିତ ରାଜ୍ୟକୁ ବିଜେପି କେବେ ତ କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇ ନଥିଲା।

## ଅପରିପକ୍ୱ ମନ୍ତବ୍ୟ ପାଇଁ ସମ୍ବଲପୁରବାସୀଙ୍କ ପାଖରେ କ୍ଷମା ମାଗନ୍ତୁ ପ୍ରସନ୍ନ ଆଚାର୍ଯ୍ୟ : ନାଉରୀ ନାଏକ

ଝାରସୁଗୁଡା /ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ସମ୍ବଲପୁର ହିଂସାକାଣ୍ଡ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସମ୍ବଲପୁର ହିଂସାକାଣ୍ଡରେ ଅସାମାଜିକ ତତ୍ୱଙ୍କ ସଂପୃକ୍ତି ଓ ଦେଶ ବିରୋଧୀ କାର୍ଯ୍ୟକଳାପର ନିରପେକ୍ଷ ତଦନ୍ତ ଓ ଦୋଷୀକୁ ଦଣ୍ଡ ଦେବା ପାଇଁ ଏନଆଇଏ ତଦନ୍ତର ଆବଶ୍ୟକତା ରହିଛି। ତେବେ ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ବିଜେପି ଉପରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ। ଜଣେ ପଶ୍ଚିମ ଓଡିଶାର ନେତା ହୋଇ ଏଭଳି ସ୍ପର୍ଶକାତର ବିଷୟରେ ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଏଭଳି ହାଲୁକା ମନ୍ତବ୍ୟକୁ ସମ୍ବଲପୁର ତଥା ପଶ୍ଚିମ ଓଡିଶାବାସୀ କେବେ ବରଦାସ୍ତ କରିବେ ନାହିଁ। ଏଭଳି ଅପରିପକ୍ୱ ମତାମତ ପାଇଁ ସମ୍ବଲପୁରବାସୀଙ୍କ ପାଖରେ ଶ୍ରୀ ଆଚାର୍ଯ୍ୟ କ୍ଷମା ମାଗନ୍ତୁ ବୋଲି ରେଙ୍ଗାଲୀ ବିଧାୟକ ନାଉରୀ ନାଏକ କହିଛନ୍ତି।
ସୋମବାର ଝାରସୁଗୁଡାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାଏକ କହିଛନ୍ତି ଯେ, ସମ୍ବଲପୁର ଅଂଚଳରେ ଦୀର୍ଘ ଦିନ ଧରି ହନୁମାନ ଜୟନ୍ତୀ ପାଳନ ହୋଇ ଆସୁଅଛି ଯେଉଁଥିରେ କି ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ଯୋଗଦାନ ଓ ଅନୁଭୁତି ରହିଛି। ଆଜି ସମ୍ବଲପୁରରେ ହନୁମାନ ଜୟନ୍ତୀକୁ ରୋକାଯିବା ପାଇଁ ଯେଉଁ ପ୍ରୟାସ କରାଯାଉଛି ଏବଂ ଏହା ପରେ ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତାହେଲେ ସମ୍ବଲପୁରବାସୀ ଦୀର୍ଘ ଦିନ ଧରି ପାଳନ କରିଆସୁଥିବା ହନୁମାନ ଜୟନ୍ତୀକୁ କେଉଁଠି ଓ କିପରି ପାଳନ କରିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଶାସକ ବିଜେଡିର ବରିଷ୍ଠ ନେତା ତଥା ସାଂସଦ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ମିଛ, କପୋଳକଳ୍ପିତ ତଥା ନିର୍ବାଚନକୁ ଆଖି ଆଗରେ ରଖି ଦେଇଥିବା ବିଭ୍ରାନ୍ତକାରୀ ବକ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତାଙ୍କ ଭଳି ଜଣେ ବରିଷ୍ଠ ନେତାଙ୍କଠାରୁ ଏଭଳି ହାଲୁକା ଓ ମିଛ ମନ୍ତବ୍ୟ ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଶ୍ରୀ ନାଏକ କହିଛନ୍ତି।
ଯଦି ସମ୍ବଲପୁର ହିଂସାରେ ବିଜେପିର ସଂପୃକ୍ତି ରହିଛି, ତେବେ ଏ କଥା ହିଂସାକାଣ୍ଡ ଘଟିବାର ପର ସମୟରେ ନକରି ବିଜେପିର ସାଂସଦ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଆସିବାର ଅବ୍ୟହତି ପୂର୍ବରୁ କହି ଲୋକଙ୍କୁ କାହିଁକି ବିଭ୍ରାନ୍ତ କରାଉଛି ବିଜେଡି ? କେନ୍ଦ୍ରମନ୍ତ୍ରୀଙ୍କୁ ଆକ୍ଷେପ କରି ଶ୍ରୀ ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ପିଲାଳିଆମି। ଯଦି ତାଙ୍କ ସରକାର ବାସ୍ତବରେ ରାଜଧର୍ମ ପାଳନ କରୁଛି, ତେବେ ସମ୍ବଲପୁର ହିଂସାକାଣ୍ଡ ଓ ଅଶାନ୍ତ ପ୍ରସଙ୍ଗରେ କଣ ପାଇଁ ବିଜୁ ଜନତା ଦଳ ଆଜି ପର୍ଯ୍ୟନ୍ତ ନୀରବ ଥିଲା ଏବଂ ପ୍ରଶାସନିକ ଓ ସରକାରୀ ଅବହେଳା ବିଷୟରେ ନିଜ ଦଳୀୟ ଆତ୍ମ ସମୀକ୍ଷା ନକରି କେବଳ ରାଜନୈତିକ ବୟାନ ଦେବା ସମ୍ବଲପୁରର ଜଣେ ପୂର୍ବତନ ସାଂସଦ ଭାବେ ଶ୍ରୀ ଆଚାର୍ଯ୍ୟ ନିଜର ମାନସିକ ଦେବାଳିଆପଣର ପରିପ୍ରକାଶ କରିଛନ୍ତି। ଯଦି ସତସାହାସ ଅଛି ଦୋଷୀମାନଙ୍କୁ ତ୍ୱରିତ୍ୱ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ପାଇଁ ଏନଆଇଏର ତଦନ୍ତ ପାଇଁ ଦାବୀ କରନ୍ତୁ ବୋଲି ଶ୍ରୀ ନାଏକ କହିଛନ୍ତି।

## ଆତଙ୍କ ଓ ଆତଙ୍କବାଦୀଙ୍କ ତୁଷ୍ଟୀକରଣ କରୁଛି କଂଗ୍ରେସ : ନରେନ୍ଦ୍ର ମୋଦୀ

ନୂଆଦିଲ୍ଲୀ, ୨/୫(ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି ଯେ, କଂଗ୍ରେସ ଆତଙ୍କ ଓ ଆତଙ୍କବାଦୀଙ୍କ ତୁଷ୍ଟୀକରଣ କରୁଛି। ସେ ଦିଲ୍ଲୀର ବାଟଲା ହାଉସ୍ ରେ ଘଟିଯାଇଥିବା ସଂଘର୍ଷର ଉଦାହରଣ ଦେଇଥିଲେ। ମୋଦୀ କହିଛନ୍ତି ଆତଙ୍କବାଦୀଙ୍କ ନିହତ ଖବର ଶୁଣି କଂଗ୍ରେସର ସବୁଠୁ ବଡ ନେତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏହି ଲୋକମାନେ ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ ଘଟଣାରେ ଦେଶର ନେତାଙ୍କ ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କର୍ଣ୍ଣାଟକର ଚିତ୍ରଦୁର୍ଗରେ ଏକ ଜନସଭାକୁ ସମ୍ବୋଧନ କରି କହିଛନ୍ତି ଯେ, ଆଜାଦିର ଅମୃତ କାଳରେ କର୍ଣ୍ଣାଟକରେ ଏହା ପ୍ରଥମ ନିର୍ବାଚନ। ଏହି ନିର୍ବାଚନ ନିର୍ଦ୍ଧାରଣ କରିବ ଯେ, ଆଗାମୀ ୨୫ ବର୍ଷରେ କର୍ଣ୍ଣାଟକର ବିକାଶ କେଉଁ ଉଚ୍ଚତାକୁ ଛୁଇଁବ।

## ଖରାଛୁଟିରେ ପାଠ ପଢିବେ ଛାତ୍ରଛାତ୍ରୀ

### ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ଜିଲ୍ଲାରେ ଟୋଲ-ଫ୍ରି ନମ୍ବରର ବ୍ୟବସ୍ଥା

ଭୁବନେଶ୍ୱର, ୦୨/୫(ଶ୍ରୁ.ମି.) : ଗ୍ରୀଷ୍ମ ଅବକାଶକାଳୀନ ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ ପକ୍ଷରୁ 'ଅବକାଶକାଳୀନ ଗୃହକାର୍ଯ୍ୟ' ମେ' ୧ତାରିଖରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲ୍ଲାକୁ ସ୍ଥିରୀକୃତ କାର୍ଯ୍ୟାନ୍ୱୟନ ପ୍ରଣାଳୀ ଏବଂ ନିୟମାବଳୀ ପ୍ରେରଣ କରାଯାଇ ଏହାକୁ ବିଧିବଦ୍ଧ ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି।
ଶିକ୍ଷାର୍ଥୀମାନଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ ସହାୟତା କେନ୍ଦ୍ର ଖୋଲାଯାଇ ପ୍ରତିଦିନ ୪ ଜଣ ବିଷୟଭିତିକ ଓ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ ମେ' ୧ ତାରିଖରୁ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟଦିବସରେ ସକାଳ ୬.୦୦ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଏହି ଦେୟମୁକ୍ତ ନମ୍ବରକୁ ଶିକ୍ଷାର୍ଥୀମାନେ ସେମାନଙ୍କର ଅବକାଶକାଳୀନ ଗୃହକାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ସିଧାସଳଖ ପଚାରିପାରିବେ ଏବଂ ସହାୟତା କେନ୍ଦ୍ରରେ ନିୟୋଜିତ ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କର ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବେ। ଏତଦ୍‌ବ୍ୟତୀତ ବିଦ୍ୟାଳୟ ସ୍ତରରେ ଗୃହକାର୍ଯ୍ୟ ସମ୍ବନ୍ଧୀୟ ତଦାରଖ ବ୍ୟବସ୍ଥା କରାଯାଇଛି। ଟୋଲ- ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କ ସହ ସହାୟତା



କେନ୍ଦ୍ରରୁ ଯୋଗାଯୋଗ କରାଯାଇ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବାକୁ ନିର୍ଦ୍ଦେଶ ରହିଛି ।ଉଭୟ ଟୋଲ-ଫ୍ରି ନମ୍ବରରେ ତଥା ବିଦ୍ୟାଳୟ ସହ ଯୋଗାଯୋଗ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟରରେ ଲିପିବଦ୍ଧ କରାଯାଉଛି। ପ୍ରତିଦିନ ରାଜ୍ୟସ୍ତରରେ 'ବିଦ୍ୟା ସମୀକ୍ଷା କେନ୍ଦ୍ରରୁ' ଏହାର ତଦାରଖ ତଥା ସମୀକ୍ଷା କରିବାର ବ୍ୟବସ୍ଥା କରାଯାଉଛି।
ବିଭିନ୍ନ ଜିଲ୍ଲା ପାଇଁ ଜାରି କରାଯାଇଥିବା ଦେୟମୁକ୍ତ ନମ୍ବରଗୁଡ଼ିକ ହେଉଛି ଅନୁଗୋଳ ପାଇଁ ୧୮୦୦-୩୪୫-୭୫୨୧, ବାଲେଶ୍ୱର ପାଇଁ ୧୮୦୦-୩୪୫-୬୮୧୦, ବରଗଡ଼ ପାଇଁ ୧୮୦୦-୩୪୫-୬୮୦୭, ଭଦ୍ରକ ନିମନ୍ତେ ୧୮୦୦-୩୪୫-୬୮୧୧, ବଲାଙ୍ଗୀର ନିମନ୍ତେ ୧୮୦୦-୩୪୫-୬୩୫୦, ବୌଦ୍ଧ ନିମନ୍ତେ ୧୮୦୦-୩୪୫-୩୧୪୪, କଟକ ନିମନ୍ତେ ୧୮୦୦-୩୪୫-୯୫୩୪, ଦେବଗଡ଼ର ୧୮୦୦-୩୪୫-୬୮୦୬, ଢ଼େଙ୍କାନାଳର ୧୮୦୦-୩୪୫-୭୫୨୨, ଗଜପତି ୧୮୦୦-୩୪୫-୨୩୮୭, ଗଞ୍ଜାମ ନିମନ୍ତେ ୧୮୦୦-୩୪୫-୨୩୮୬ ଏବଂ ୧୮୦୦-୩୪୫-୨୩୮୫, ଜଗତସିଂହପୁର ୧୮୦୦-୩୪୫-୯୫୩୨, ଯାଜପୁର ୧୮୦୦-୩୪୫-୯୫୩୩, ଝାରସୁଗୁଡ଼ା ୧୮୦୦-୩୪୫-୬୮୨୦, କଳାହାଣ୍ଡି ୧୮୦୦-୩୪୫-୭୯୮୨, କନ୍ଧମାଳ ପାଇଁ ୧୮୦୦-୩୪୫-୩୧୩୩, କେନ୍ଦ୍ରାପଡ଼ା ପାଇଁ ୧୮୦୦-୩୪୫-୯୫୩୧, କେନ୍ଦୁଝର ପାଇଁ ୧୮୦୦-୩୪୫-୮୨୮୫, ଖୋର୍ଦ୍ଧା ପାଇଁ ୧୮୦୦-୩୪୫-୭୬୬୨, କୋରାପୁଟ ନିମନ୍ତେ ୧୮୦୦-୩୪୫-୧୭୦୭, ମାଲକାନଗିରି ନିମନ୍ତେ ୧୮୦୦-୩୪୫-୧୭୦୩, ମୟୂରଭଞ୍ଜ ନିମନ୍ତେ ୧୮୦୦-୩୪୫-୭୫୬୩ ଏବଂ ୧୮୦୦-୩୪୫-୭୫୬୨, ନବରଙ୍ଗପୁର ୧୮୦୦-୩୪୫-୧୭୧୦, ନୟାଗଡ଼ ୧୮୦୦-୩୪୫-୭୬୬୩, ନୂଆପଡ଼ା ୧୮୦୦-୩୪୫-୭୯୮୧, ପୁରୀ ୧୮୦୦-୩୪୫-୭୬୬୧, ରାୟଗଡ଼ା ୧୮୦୦-୩୪୫-୧୭୦୯, ସମ୍ବଲପୁର ୧୮୦୦-୩୪୫-୬୮୨୧, ସୁବର୍ଣ୍ଣପୁର ୧୮୦୦-୩୪୫-୬୩୪୮, ସୁନ୍ଦରଗଡ଼ ୧୮୦୦-୩୪୫-୭୪୭୯ ଏବଂ ୧୮୦୦-୩୪୫-୭୪୮୦ ।

## ସମ୍ବଲପୁର ହିଂସା ଘଟଣାର ଅନୁଧ୍ୟାନ କଲେ କେନ୍ଦ୍ରୀୟ ବିଜେପି ଟିମ୍

### ଓଡ଼ିଶାର ବିଜେଡି ସରକାର ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରର ଜେରକ୍ସ କପି: ସାଂସଦ ବ୍ରିଜଲାଲ୍

ଝାରସୁଗୁଡା/ଭୁବନେଶ୍ୱର, ୦୨/୦୫(ଶ୍ରୁ.ମି.) : ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ହିଂସା ଘଟଣାର ବାସ୍ତବ ଚିତ୍ର ଅନୁଧ୍ୟାନ ନିମନ୍ତେ ଉତରପ୍ରଦେଶ ରାଜ୍ୟସଭା ସାଂସଦ ବ୍ରିଜଲାଲଙ୍କ ଅଧ୍ୟକ୍ଷତାରେ ଝାଡଖଣ୍ଡର ରାଜ୍ୟସଭା ସାଂସଦ ସମୀର ଓରାଓଁ ଏବଂ ପଶ୍ଚିମବଙ୍ଗ ପୁରୁଲିଆ ସାଂସଦ ଜ୍ୟୋତିର୍ମୟ ସିଂ ମହତୋ ଗ୍ରାଉଣ୍ଡ ଜିରୋକୁ ଯାଇ ନିଖୁଣତାର ସହ ଘଟଣାର ସମୀକ୍ଷା କରିଛନ୍ତି। ହିଂସା ଘଟଣାରେ ମୃତ ଆଦିବାସୀ ଯୁବକ ସ୍ୱର୍ଗତ ଚନ୍ଦ୍ରମଣି ମିର୍ଦ୍ଧାଙ୍କ ଗାଁ ଚାଉଁପୁର ସ୍ଥିତ ମିର୍ଦ୍ଧା ପଡାକୁ ଯାଇଥିଲେ। ସେଠାରେ ସ୍ୱର୍ଗତ ମିର୍ଦ୍ଧାଙ୍କ ଘରେ ତାଲା ପଡିଥିବା ଦେଖି ପାଖ ପଡୋଶୀଙ୍କ ସହ ଆଲୋଚନା କରିଥିଲେ। ସ୍ୱର୍ଗତ ମିର୍ଦ୍ଧାଙ୍କ ହତ୍ୟା ପରେ ତାଙ୍କ ମୃତ ଶରୀରକୁ ଗାଁକୁ ପ୍ରଶାସନ ଛାଡିନଥିଲା ବୋଲି କମିଟି ସମ୍ମୁଖରେ ଅଭିଯୋଗ କରିଥିଲେ ଗ୍ରାମବାସୀ। ଆଦିବାସୀ ସଂସ୍କୃତି, ପରମ୍ପରାକୁ ବାଦ ଦେଇ ପ୍ରଶାସନ ଚନ୍ଦ୍ରମଣିଙ୍କ ଶେଷକୃତ୍ୟ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଓ ଆକ୍ରୋଶ ଥିଲା ବୋଲି କମିଟି ଅନୁଭବ କରିଛି। ଏହାପରେ ପ୍ରତିନିଧି ଦଳ ଭବାନୀପାଲିକୁ ଯାଇ ହିଂସାକାଣ୍ଡରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା କାଳିଆ ଶିଖାକୁ ଭେଟିଥିଲେ ଏବଂ ତାଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସ୍ପଷ୍ଟ ହୋଇଥିଲା ଯେ, କାଳିଆ ଏବଂ ତାଙ୍କ ପରିବାର ସଦସ୍ୟ ତଥା ବନ୍ଧୁଜନଙ୍କୁ ଭୟଭୀତ କରାଯାଇ ମୁହଁ ନଖୋଲିବାର ଧମକ ଦେଉଛନ୍ତି ପ୍ରଶାସନ, ପୋଲିସ ଓ ଶାସକ ବିଜେଡି କର୍ମୀ। ଏପରିକି କାଳିଆଙ୍କୁ ଅପହରଣ କରିବା ପାଇଁ ବହୁଥର ପ୍ରଚେଷ୍ଟା କରାଯାଇଥିବା କାଳିଆ



ଶିଖା ପ୍ରତିନିଧି ଦଳ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏହାପରେ ପ୍ରତିନିଧି ଦଳ ସମ୍ବଲପୁର ଫେରିଆସି ସର୍କିଟ ହାଉସଠାରେ ଗଣ୍ଡଗୋଳରେ ଗୁରୁତରଭାବେ ଆହତ ହୋଇଥିବା ଧନୁପାଲି ଥାନାର ମହିଳା ଆଇଆଇସି, ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଂଘ, ହନୁମାନ ଜୟନ୍ତୀ ସମନ୍ୱୟ କମିଟି, ଚେମ୍ବର ଅଫ କମର୍ସ, ଔଷଧ ବ୍ୟବସାୟୀ ସଂଘ, ହୋଟେଲ ସଂଘ, ପୂର୍ବତନ ସୈନିକ ସଂଘ, ବିଭିନ୍ନ ମହିଳା ଅନୁଷ୍ଠାନର ପ୍ରତିନିଧିଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ପୋଲିସ ଆଇଜି ଦୀପକ କୁମାର, ଜିଲ୍ଲା ଏସପି ବି.ଗଙ୍ଗାଧରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ-୧ ଓ ୨ ଏବଂ ଉପ ଜିଲ୍ଲାପାଳ ସହ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ସମ୍ବଲପୁର ହିଂସାରେ ହତ୍ୟା କରାଯାଇଥିବା ଯୁବକ ମିର୍ଦ୍ଧାଙ୍କ ଶେଷକୃତ୍ୟ ଓ ପରିବାର ସଦସ୍ୟ ଗାଁରେ ଅନୁପସ୍ଥିତ ସମ୍ପର୍କରେ ଶ୍ରୀ ବ୍ରିଜଲାଲ ଏସ୍‌ପିଙ୍କୁ ପଚାରିବାରୁ ସନ୍ତୋଷଜନକ ଉତର ମିଳିନଥିଲା।
ଆଜି ସମ୍ବଲପୁରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ହନୁମାନ ଜୟନ୍ତୀ ହିଂସା ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ବିଜେପି ପ୍ରତିନିଧି ଦଳର ସଦସ୍ୟବୃନ୍ଦ। ଏପ୍ରିଲ ୫ତାରିଖ କେନ୍ଦ୍ର ଗୃହମନ୍ତ୍ରଣାଳୟର ସୂଚନା ପରେ ମଧ୍ୟ ରାଜ୍ୟ ସରକାର ତତ୍‌ପରତା ପ୍ରକାଶ ନକରିବା ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀଙ୍କ ପ୍ରତି ତୃଷ୍ଟିକରଣ ମାନସିକତା ଥିବା କମିଟି ଅନୁଭବ କରିଛି। ଏପରିକି ରାଜ୍ୟ ଗୋଇନ୍ଦା ବିଭାଗ ସୂଚନାକୁ ଅଣଦେଖା କରିଛନ୍ତି ରାଜ୍ୟ ସରକାର। ବିଶୃଙ୍ଖଳା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ଓଡ଼ିଶାର ବିଜେଡି ସରକାର ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାରର ଜେରକ୍ସ କପି ବୋଲି ଆକ୍ଷେପ କରିଛନ୍ତି। ପଶ୍ଚିମବଙ୍ଗରେ ଯେଭଳି ଶାସନ ଚାଲିଛି ଓଡ଼ିଶାରେ ମଧ୍ୟ ଠିକ୍ ସେମିତି। ବିଜେଡି ସରକାର ଗୋଟିଏ ସଂପ୍ରଦାୟ ପାଖରୁ ଭୋଟ ପାଇବା ପାଇଁ ଏଭଳି ହୀନ କାର୍ଯ୍ୟ କରିଛନ୍ତି। ଭାରତୀୟ ଜନତା ପାର୍ଟି କେବେ ବି ଏହାକୁ ବରଦାସ୍ତ କରିବ ନାହିଁ । ସମ୍ବଲପୁରଠାରେ ଘଟିଯାଇଥିବା ହିଂସାକାଣ୍ଡ ଏନଆଇଏ ତଦନ୍ତ ସାପେକ୍ଷ । ରାଜ୍ୟ ସରକାର ଘଟଣାର ତଦନ୍ତେ ସିବିଆଇ ଦ୍ୱାରା କରାଇବା ପାଇଁ ଶ୍ରୀ ବ୍ରିଜଲାଲ ଦାବୀ ଜଣାଇଛନ୍ତି।

# ଶ୍ରୀରାମ ଚରିତ ମାନସ







ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ । ସାମାଜିକ ଜୀବନ ଉପରେ ଏହାର ଗଭୀର ପ୍ରଭାବ ସମଗ୍ର ବିଶ୍ୱରେ ସ୍ୱୀକୃତ । ମାନସର ମର୍ମଜ୍ଞ ବିଦ୍ୱାନ, କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ, ସ୍ୱର୍ଗତ ପଣ୍ଡିତ ବାଞ୍ଛାନିଧି ଦାଶଙ୍କ ଦ୍ୱାରା ଲୋକପ୍ରିୟ ନବାକ୍ଷରୀ ଛନ୍ଦରେ ହୋଇଥିବା ଏହାର ଭାବଗର୍ଭକ ଅନୁବାଦ 'ଶ୍ରୁତି'ରେ ସଂପୂର୍ଣ୍ଣ ପ୍ରକାଶିତ ହେବା ପରେ ଆମ ପାଠକମାନଙ୍କ ଅନୁରୋଧରେ ପୁନଃ ପ୍ରକାଶିତ ହେଉଛି । ପୂର୍ବପରି ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ।

ତାହାଙ୍କ ରାଜ୍ୟ ଜିତି ନେଲି ।
ବିପ୍ରଙ୍କୁ ବହୁବାର ଦେଲି ॥
ସହସ୍ରବାହୁ ଭୁଜ ମାନ ।
ସହଜେ ଯେ କଲା ଛେଦନ ॥
ସେହି ପରଶୁ ମୋର ଏହି ।
ରେ ରାଜପୁତ୍ର ଦେଖ ତୁହି ॥

**ଦୋହା**

**ମାତୁ ପିତହି ଜନି ସୋଚ ବସ,**
**କରସି ମହୀସ କିସୋର ।**
**ଗର୍ଭନ୍ହ କେ ଅର୍ଭକ ଦଲନ,**
**ପରସୁ ମୋର ଅତି ଘୋର ॥୨୭୨॥**

ମାତା ପିତାଙ୍କୁ ଶୋକଗ୍ରସ୍ତ ।
କରନା ଆରେ ରାଜସୁତ ॥
ଦେଖ ଏ ପରଶୁ ମୋହର ।
ଅତି ପ୍ରଚଂଡ଼ ବଳିଆର ॥
ଗର୍ଭର ଶିଶୁକୁ ମାରଇ ।
ତିଳେ ଏହାର ଦୟା ନାହିଁ ॥

**ଚୌପାଇ**

**ବିହସି ଲଖନ ବୋଲେ ମୃଦୁବାନୀ ।**
**ଅହୋ ମୁନୀସୁ ମହାଭଟ ମାନୀ ॥**
**ପୁନି ପୁନି ମୋହି ଦେଖାଓ୍ୱ କୁଠାରୂ ।**
**ଚହତ ଉଡାଓ୍ୱନ ଫୁଁକି ପହାରୂ ॥୧॥**

ଲକ୍ଷ୍ମଣ ଉଚ୍ଚେ ହସି ଦେଲେ ।
କୋମଳ ବଚନ କହିଲେ ॥
ଏଅତି ଆଶ୍ଚର୍ଯ୍ୟ ବେଭାର ।
ବୋଲାଉ ଅଛ ମୁନୀଶ୍ୱର ॥
ତହିଁରେ ପୁଣି ଅଭିମାନ ।
ଯୋଦ୍ଧା ପଣରେ ମୁଁ ମହାନ ॥
ବାରକୁ ବାର ମୋତେ ମୁନି ।
କୁଠାର ଦେଖାଉଛ ଘେନି ॥
ଭାବୁଛ ମନେ ଫୁଙ୍କି ଦେଇ ।
ପାହାଡ଼ ଦେବାକୁ ଉଡାଇ ॥

**ଇହାଁ କୁହ୍ମଡ ବତିଆ କୋଉ ନାହୀଁ ।**
**ଜେ ତରଜନୀ ଦେଖି ମରି ଜାହୀଁ ॥**
**ଦେଖି କୁଠାରୁ ସରାସନ ବାନା ।**
**ମୈଁ କଛୁ କହା ସହିତ ଅଭିମାନା ॥୨॥**

ପାଣି କଖାରୁ କଷି ହୋଇ ।
ତାହାକୁ ଯଦି କେବେ କେହି ॥
ବିଶି ଆଙ୍ଗୁଳି ଦେଖାଇବ ।
ତେବେ ସେ କସି ମରିଯିବ ॥
ମିଛ ହେଉ କି ହେଉ ସତ ।
ଏକଥା ଜାଣଇ ଜଗତ ॥
ପରଶୁ ରାମଙ୍କୁ ଲକ୍ଷ୍ମଣ ।
କହନ୍ତି ଦେଇ ଏ ପ୍ରମାଣ ॥
ହେ ମୁନିମଣି ଏଥି କହି ।
ପାଣି କଖାରୁ କଷି ନାହିଁ ॥
ତର୍ଜନୀ ଅଙ୍ଗୁଳି ଦେଖିଣ ।
ଯାହାର ହୋଇବ ମରଣ ॥
ତୁମ୍ଭ କୁଠାର ଧନୁ ବାଣ ।
ଦେଖି କିଂଚିତେ ସ୍ୱାଭିମାନ ॥
ବଶେ କହିଲି ଏହି କଥା ।
ଏବେ ମୁଁ ଦେଖୁଛି ଅନ୍ୟଥା ॥

❖❖❖... କ୍ରମଶଃ

# ନିୟମିତ ଦାବି ଓ ୨ ମାସର ଦରମା ପ୍ରଦାନ ନେଇ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ




ବଲାଙ୍ଗିର, ୧/୦୫(ଶ୍ରୁ.ମି.) : ବଲାଙ୍ଗିର ଜିଲ୍ଲାର ସରକାରୀ ହାଇସ୍କୁଲରେ ୨୦୧୬-୨୦୨୨ ମସିହାର ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୁଇ ମାସର ଦରମା ଓ ନିୟମିତ ଦାବୀ ନେଇ ରାଜ୍ୟ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ଉପ-ସଭାପତି ବିନୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କ ଜନ୍ମ ଦିନ ତଥା ଗତ ଅକ୍ଟୋବର ମାସ ୧୫ ତାରିଖରେ ଓଡିଶା ମାଟିରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କଲେ । ଜି.ଏ.ଏଣ୍ଡ ପି.ଜି ବିଭାଗ ର ନୋଟିଫିକେସନ ନଂ- ୨୯୦୭୬, ତା.୧୭.୧୦.୨୦୨୨ ଅନୁସାରେ ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମରେ ନିଯୁକ୍ତ ସମସ୍ତ କର୍ମଚାରୀମାନେ ନିୟମିତ ହେବେ ବୋଲି ଉଲ୍ଲେଖ କରାଯାଇଛି । ଏହି ଶିକ୍ଷକ ମାନେ ଉକ୍ତ ନିୟମ ଅନୁସାରେ ଆସୁଥିଲେ ହେଁ ରାଜ୍ୟ ର ଅନ୍ୟ ସମସ୍ତ ବିଭାଗର କର୍ମଚାରୀ ମାନେ ନିୟମିତ ହୋଇ ଦରମା ଓ ବକେୟା ପାଇ ସାରିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୮,୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରୁନାହିଁ । ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ପରେ ଅର୍ଥ ବିଭାଗ ଆଉ ୨୦୨୩-୨୪ଆର୍ଥିକ ବର୍ଷ କଣ୍ଟ୍ରାକ୍ଟୁଆଲ ହେଡରେ ଏଲଟମେଣ୍ଟ ପ୍ରଦାନ କରି ନ ଥିବାରୁ ମାର୍ଚ୍ଚ ଓ ଏପ୍ରିଲ ଦୁଇ ମାସ ହେଲା କଣ୍ଟ୍ରାକ୍ଟୁଆଲ ଦରମା ମଧ୍ୟ ପାଉନାହାନ୍ତି, ତେଣୁ ଶିକ୍ଷକ ମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପକ୍ଷରେ ନିୟମିତ କରୁ ନାହାନ୍ତି ଓ ଅନ୍ୟ ପକ୍ଷରେ ନିୟମିତ ହୋଇନାହାନ୍ତି ବୋଲି ଦରମା ମଧ୍ୟ ଦୁଇ ମାସ ହେଲା ନ ପାଇବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅସନ୍ତୋଷର ବାତାବରଣ ଖେଳିଯାଇଛି । ଓଡିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଏପ୍ରିଲ ୧ ତାରିଖରୁ ୧୩ ତାରିଖ ଧରି ବିଧାନସଭା ସମ୍ମୁଖରେ ଧାରଣା ଦେଲା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ନୋଟିଫିକେସନ ନଂ ୮୪୭୪, ତା.୧୩.୦୪.୨୦୨୩ ପ୍ରକାଶ ପାଇଥିଲେ ହେଁ ଜିଲ୍ଲା ଶିକ୍ଷାଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ନ ଥିବାରୁ ଚୁକ୍ତିଭିତ୍ତିକ ଶିକ୍ଷକ ମାନେ ନିୟମିତ ହୋଇପାରୁନାହାନ୍ତି । ରାଜ୍ୟ ସଂଘର ଉପସଭାପତି ବିନୋଦ କୁମାର ମିଶ୍ର ସରକାର ଶୀଘ୍ର ନିୟମିତ କରନ୍ତୁ ବୋଲି କହିଥିବା ବେଳେ ବରିଷ୍ଠ ଶିକ୍ଷକ ଅରବିନ୍ଦ କୁମ୍ଭାର ସରକାର ଯଦି ସାତ ଦିନ ଭିତରେ ନିୟମିତ କରି ଦରମା ପ୍ରଦାନ ନ କଲେ ମେ ୮ ତାରିଖରୁ ପୁଣି ଥରେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନି ଦେଇଛନ୍ତି । ଦାବିପତ୍ର ଦେବାବେଳେ ଶିକ୍ଷକ ମାଧବ ପଧାନ, ଅଭିମନ୍ୟୁ ନାଏକ, ଯୋଗେନ୍ଦ୍ର ଆଡ଼ଯୁଏଡ, କର୍ମ ପଧାନ, ବିରେନ୍ଦ୍ର ନାଏକ, ଅଭିନିତା ପଟ୍ଟନାଏକ, ପୂଜା ଦର୍ଜି , ଡିଲେଶ୍ୱରୀ କୁଅଁର ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ନାର୍କୋ ଟିମ୍ ପକ୍ଷରୁ ଗଞ୍ଜେଇ ଗାଡି ଜବତ ଘଟଣା....

# ତିନି ଅଭିଯୁକ୍ତ ଗିରଫ



ତେଲକୋଇ, ୨/୫(ଶ୍ରୁ.ମି.) : କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନ ପୁର ଛକରୁ ଜବତ ହୋଇଥିବା ଗଞ୍ଜେଇ ଗାଡ଼ି ଘଟଣାରେ ନାର୍କୋ ଟିମ୍ ତିନି ଜଣ ଅଭିଯୁକ୍ତ କୁ ଗିରଫ କରିଛି । ଘଟଣାସ୍ଥଳରୁ ଫେରାର ହୋଇଥିବା ଅନ୍ୟତମ ଅଭିଯୁକ୍ତକୁ ଗିରଫ ହୋଇ ପାରିନାହିଁ । ଗିରଫ ଅଭିଯୁକ୍ତ ହେଲେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଥାନା କିଶୋରନଗର ଅଞ୍ଚଳର ରାଜୁ ପ୍ରଧାନ, ଜରପଡା ଥାନା ଅଂଚଳର ପାପୁନ ପ୍ରଧାନ ଓ ବୌଦ୍ଧ ଜିଲ୍ଲା ପୁରୁଣା ଗଡ ଅଞ୍ଚଳର ଶ୍ରୀଧର ବିଶ୍ୱାଳ । ନାର୍କୋ ଟିମ୍ ସେମାନଙ୍କ ପାଖରୁ ୯ ବସ୍ତା ଗଞ୍ଜେଇ ଜବତ କରିଥିବା ବେଳେ ଏକ ପିକ ଅପ୍ ଗାଡ଼ିକୁ ଜବତ କରିଛି । ଜବତ ବସ୍ତା ଗଞ୍ଜେଇ ୧କ୍ୱିଣ୍ଟାଲ ୯୮ କିଲୋଗ୍ରାମ ୩ଶହ ଓଜନ ହେବ ବୋଲି ଆକଳନ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲ ନାର୍କୋ ଟିମ୍ ପକ୍ଷରୁ ସୂଚନା ମିଳିଛି । ତେବେ ପ୍ରକାଶଥାଉକି ଗତ ରବିବାର ଦିନ ଜଗମୋହନ ପୁର ଛକରେ ଭୁବନେଶ୍ୱର ସ୍ଥିତ ନାର୍କୋ ଟିମ୍ ଅନୁଗୁଳ କିଶୋର ନଗର ଅଞ୍ଚଳରୁ ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ପିଛା କରି ଜବତ କରିଥିଲେ । ଏହା ସହିତ ଘଟଣାସ୍ଥଳରୁ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିଥିଲେ । ମାତ୍ର ସ୍ଥାନୀୟ ଲୋକେ ଏହି ଘଟଣାକୁ ଦେଖି ନାର୍କୋ ଟିମ୍ ସଦସ୍ୟଙ୍କୁ ନକଲି ପୁଲିସ ଭାବି ହୋହାଲା କରିଥିଲେ । ଏହାର ସୁଯୋଗ ନେଇ ଜଣେ ଅଭିଯୁକ୍ତ ନାର୍କୋ ଟିମ୍ ହାତରୁ ଚଂପଟ ମାରିଥିଲା । ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିବା ସହିତ ଗଞ୍ଜେଇ ଗାଡ଼ି ସହିତ ସମସ୍ତଙ୍କୁ ତେଲକୋଇ ଥାନାକୁ ଆଣିଥିଲା । ଏହା ପରେ ନାର୍କୋ ଟିମ୍ ପକ୍ଷରୁ ଅଧିକ ଖୋଳତାଡ ଆରମ୍ଭ ହୋଇଥିଲା । ଘଟଣାରେ ସଂପୃକ୍ତ ଥିବା ଆଉ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିଥିଲା । ପରେ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ନିଆ ଯାଇଥିବା ଜଣା ପଡ଼ିଛି ।

## ତ୍ରିଲୋଚନ କାନୁନ୍‌ଗୋଙ୍କ ବିୟୋଗରେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଶୋକସଭା

କଟକ, ୨/୫(ଶ୍ରୁ.ମି.) : ବିଶିଷ୍ଟ ରାଜନେତା, ଅର୍ଥନୀତିଜ୍ଞ ଓ ଶିକ୍ଷାବିତ୍ ତ୍ରିଲୋଚନ କାନୁନ୍‌ଗୋଙ୍କ ଏକାଦଶାହ ଉପଲକ୍ଷେ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ତରଫରୁ ଗତ ସୋମବାର ସନ୍ଧ୍ୟାରେ ଶ୍ରୀଗଡ଼ଗଡ଼େଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ଡକ୍ଟର ସଂକର୍ଷଣ ମିଶ୍ର, ଡକ୍ଟର ନାରାୟଣ ମହାନ୍ତି, ଡକ୍ଟର ନିରଞ୍ଜନ ମହାନ୍ତି, ସାଧୁ ଚରଣ ପ୍ରଧାନ, ଡକ୍ଟର ବିଚିତ୍ରାନନ୍ଦ ବଳ, ଡକ୍ଟର ଚିତ୍ତରଞ୍ଜନ ପଣ୍ଡା, ଡକ୍ଟର ଶଚୀନ୍ଦ୍ର ରାଉଳ ପ୍ରମୁଖ ସ୍ୱର୍ଗତ କାନୁନ୍‌ଗୋଙ୍କ ସ୍ମୃତିଚାରଣ କରିଥିଲେ । ମହାସଂଘର ଜାତୀୟ ସଂଗଠନ ସମ୍ପାଦକ ମହେନ୍ଦ୍ର କପୁର ପଠାଇଥିବା ଶୋକବାର୍ତ୍ତାକୁ ରାଜ୍ୟ ଆବାହକ ଡକ୍ଟର ପବିତ୍ର କୁମାର ରଥ ପାଠ କରିଥିଲେ । ସଭାପତି ପ୍ରଫେସର ପଟ୍ଟନାୟକ କହିଲେ ଯେ, ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ସ୍ୱର୍ଗତ କାନୁନଗୋଙ୍କ ଜୀବନର ଧେୟ ଥିଲା ଏବଂ ସେ ଏଥିଲାଗି ଅହରହ ଚେଷ୍ଟିତ ଥିଲେ । ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଧୋୟାଅଞ୍ଚଳ ଜଙ୍ଗଲରୁ ଚାଲିଛି କି ବେଆଇନ୍ ବଣୁଆ କାଠ ଚାଲାଣ ?

## କାଠ ବୋଝେଇ ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ସହ ସଂଗ୍ରାମ କରୁଛି ବାଇକ୍ ଚାଳକ



ଜଗତସିଂହପୁର, ୨/୫(ଶ୍ରୁ.ମି.) : ତିର୍ତ୍ତୋଲ ବ୍ଲକ୍ ପୁରିଜେନାସ୍ଥିତ ଗଣେଶ ସମିଲ୍‌କୁ କାଠ ଚାଲାଣ ହେଉଥିବାବେଳେ କାଠ ବୋଝେଇ ଟ୍ରାକ୍ଟର ସହିତ ଏକ ବାଇକ୍ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଭଳି ଏକ ଦୁଃଖଦ ଘଟଣା ଏବେ ବନବିଭାଗର ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ସୂଚନାନୁଯାୟୀ ରାହାମା ସେକ୍ସନ୍ ଫରେଷ୍ଟ କାର୍ଯ୍ୟାଳୟ ଅଧିନସ୍ଥ କିଳିପାଳ ଜଙ୍ଗଲ ଅଞ୍ଚଳଟି କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଥିବା କୁହାଯାଉଥିବାବେଳେ ବନବିଭାଗର କେତେକ ଅସାଧୁ ଅଫିସର କାଳେ ଏହି କାଠ ମାଫିଆଙ୍କ ସହିତ ହାତମିଳେଇ ମାଲେମାଲ୍ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଶନିବାର ସଂଧ୍ୟାରେ କଟକ-ପାରାଦ୍ୱୀପ ମୁଖ୍ୟ ରାସ୍ତାର ତିର୍ତ୍ତୋଲ ଥାନା ନିକଟ ଗୌରୀଶଙ୍କର ହୋଟେଲ୍ ସମ୍ମୁଖରେ ଏକ କାଠ ବୋଝେଇ ଟ୍ରାକ୍ଟର ପଛପଟରୁ ଏକ ବାଇକ୍ ଧକ୍କା ହୋଇଥିଲା । ଯାହାକି ଗୁରୁତର ଆହତ ଅବସ୍ଥାରେ ବାଇକ୍ ଚାଳକକୁ ଯଥାଶୀଘ୍ର ନିକଟସ୍ଥ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣା ସ୍ଥଳରେ ତିର୍ତ୍ତୋଲ ପୋଲିସ୍ ପହଞ୍ଚି ଉକ୍ତ କାଠ ବୋଝେଇ ଟ୍ରାକ୍ଟରଟିକୁ ଜବତ କରିଥିଲା । ଟ୍ରାକ୍ଟର ଡ୍ରାଇଭର ଠାରୁ ମିଳିଥିବା ସୂଚନା ଅନୁଯାୟୀ ପୁରିଜେନା ଗଣେଶ ସମିଲ୍‌ର ଏହି ଟ୍ରାକ୍ଟର ଟି ଧୋୟା ଅଞ୍ଚଳର ହାଟସାହି ଅଞ୍ଚଳରୁ ବଣୁଆ ଶିମିଳି କାଠ ଲୋଡ୍ କରି ସମିଲ୍‌କୁ ଯାଉଥିଲା । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଯଦି ଇଏ ପ୍ରକୃତ ବଣୁଆ ଶିମିଳି କାଠ ତାହାଲେ ବେଆଇନ୍ ଶିମିଳି ନା ଅନ୍ୟକିଛି ମୂଲ୍ୟବାନ ବେଆଇନ୍ କାଠ ? ଗଣେଶ ସମିଲ୍‌ର ଟ୍ରାକ୍ଟରରେ ସମିଲ୍‌କୁ ଯାଉଥିବା ଏହି କାଠଗର ଗୁଡ଼ିକ ସଂଧ୍ୟା ପରେ ଅନ୍ଧାର ରାତିରେ କାହିଁକି ସମିଲ୍ କୁ ଯାଉଥିଲା ? ଯଦି ଇଏ ବଣୁଆ ଶିମିଳି କାଠ ତାହାଲେ ଏଗୁଡିକ ବେଆଇନ୍ ଶିମିଳି ନୁହେଁ ତ ? ପ୍ରକୃତରେ ଏହିକାଠ କେଉଁଠୁ ଆସୁଥିଲା ? ହାଟସାହି ଅଞ୍ଚଳରୁ ନା କିଳିପାଳ ଜଙ୍ଗଲରୁ ? ସଂଧ୍ୟା ୬ଟା ପରେ ସମିଲ୍ ଗୁଡିକ ବନ୍ଦ ରହିବା ପାଇଁ ସରକାରୀ ନିୟମ ରହିଥିବା ବେଳେ ଏହି ସମିଲ୍ ଗୁଡିକ ତାହାଲେ ସମିଲ୍‌କୁ କିପରି ଯାଉଥିଲା ? ସମିଲ୍ ଗୁଡିକ ବେଆଇନ୍ ଭାବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲୁଛି ବୋଲି ଚର୍ଚ୍ଚା ହେଉଥିବା ଘଟଣାଟି କ'ଣ ସତ ? ଏପରି ବିଭିନ୍ନ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ସମିଲ୍‌ର ଏହି ଟ୍ରାକ୍ଟରରେ ବେଆଇନ୍ କାଠ ଚାଲାଣ ହେଉଥିଲା ବୋଲି କୁହାଯାଉଥିବା ବେଳେ ପ୍ରଚ୍ଛଦପଟରେ ରାହାମା ସେକ୍ସନ୍ କାର୍ଯ୍ୟାଳୟ ଫରେଷ୍ଟ ଅଫିସରଙ୍କର ହାତ ରହିଥାଇପାରେ ବୋଲି ଚର୍ଚ୍ଚା ହେଉଛି । ଅପରପକ୍ଷରେ ଗୁରୁତର ଆହତ ବାଇକ୍ ଚାଳକଙ୍କ ନାଁ ପ୍ରବିଣ ସେନାପତି ଓ ତାଙ୍କର ନିଜଘର କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଅଞ୍ଚଳ ଆଶ୍ରମ ବାଲିକୁଦା କରମକୁଳ ଗ୍ରାମରେ ବୋଲି କୁହାଯାଉଥିବାବେଳେ ସେ ଏବେ କଟକ ବଡ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡିଛି ।

## ନୀଳକଣ୍ଠେଶ୍ୱର ଡ଼ିଗ୍ରୀ କଲେଜରେ +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ତାଳଚେର, ୨/୫(ଶ୍ରୁ.ମି.) : ସାଉଥବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ଡ଼ିଗ୍ରୀ ମହାବିଦ୍ୟାଳୟରେ +୩ ଶେଷ ବର୍ଷ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡ଼କ୍ଟର ବଳଭଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ । +୩ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ମାନେ ବିଦାୟ ଉତ୍ସବକୁ ପରିଚାଳନା କରିଥିଲେ । ଶେଷ ବର୍ଷ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରେ ସେମାନଙ୍କର ୩ ବର୍ଷର ଅଭିଜ୍ଞତା ବର୍ଣ୍ଣନା ସହିତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ସମସ୍ତ ବିଭାଗୀୟ ମୁଖ୍ୟମାନେ ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଅଧ୍ୟକ୍ଷ ଡ଼. ଜେନା ଛାତ୍ରଛାତ୍ରୀମାନଙ୍କର ଉତମ ବ୍ୟବହାର ଏବଂ ଶୃଙ୍ଖଳାର ଅବତାରଣ କରିବା ସହିତ ଭବିଷ୍ୟତରେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଉମାକାନ୍ତ ବାଇଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ତୃତୀୟ ବର୍ଷ ଛାତ୍ରୀ ସନ୍ଦୀପ୍ତା ବିରୁବର୍ମା ଧ୍ୟନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରିଶୂଳିଆ ଛକରୁ ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ତ୍ରିଶୂଳିଆ, ୨୫ (ଶ୍ରୁ.ମି.) : ଏକ୍ସାଇଜ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶ ମୁତାବକ ସୋମବାର ଦିନ ଅବକାରୀ ବିଭାଗର ରାଜ୍ୟ ଫ୍ଲାଇଙ୍ଗସ୍କ୍ୱାର୍ଡ ତ୍ରିଶୂଳିଆ ଛକପାଖରେ ଚଢ଼ାଉ କରି କାରରେ ଆସୁଥିବା ୧୦୦କେଜି ଗଞ୍ଜେଇକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବାଙ୍କୀ ଥାନା ଅଧିନସ୍ଥ ପାଥପୁର ଗ୍ରାମର ଦିବାକର ବିଶ୍ୱାଳ ଓ ଶ୍ରୀଧର ସ୍ୱାଇଁ । ବିଶେଷସୂତ୍ରରୁ ଖବରପାଇ ଅବକାରୀ ବିଭାଗ ରାଜ୍ୟ ଫ୍ଲାଇଙ୍ଗସ୍କ୍ୱାର୍ଡ ଇନ୍ସପେକ୍ଟର ରୋସନ୍ ଇସୁ ହାସଦାଙ୍କ ନେତୃତ୍ୱରେ ଏକ ୧୪ ଜଣିଆଟିମ ସୋମବାର ଦିନ ତ୍ରିଶୂଳିଆ ଛକରେ ଜଗିରହିଥିଲା । ଏହି ସମୟରେ ବାଙ୍କୀ ପଟରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଧଳାରଙ୍ଗର ଓଆର୦୨-ସିଜି-୩୮୯୧ ନମ୍ବର କାରକୁ ଅବକାରୀ ବିଭାଗ ଟିମ ତ୍ରିଶୂଳିଆ ଛକପାଖରେ ରୋକିଥିଲେ । ପରେ କାରକୁ ଯାଞ୍ଚ କରିବା ପରେ କାର ମଧ୍ୟରୁ ୪ବସ୍ତା ଗଞ୍ଜେଇ ମିଳିଥିଲା । କାରଚାଳକ ଓ ତାର ସହଯୋଗୀ ଦିବାକର ଓ ଶ୍ରୀଧରକୁ ଘଟଣାସ୍ଥଳରୁ ଅବକାରୀବିଭାଗ ଗିରଫ କରିଥିଲେ । ଚୋରାରେ ହେଉଥିବା ଗଞ୍ଜେଇ ଚାଲଣ ଫୁଲବାଣିରୁ କଲିକତା ଚାଲାଣ ହେଉଥିବାର ପଟରାଉଟରାବେଳେ ଅବକାରୀ ବିଭାଗ ଜାଣିବାକୁ ପାଇଥିଲା । କାରରୁ ଜବତ ହୋଇଥିବା ୧୦୦ କେଜିଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବବୋଲି ଅବକାରୀ ଇନ୍ସପେକ୍ଟର ରୋସନ୍ ଇସୁ ହାସଦା କହିଛନ୍ତି ।

## ଝୁମ୍ପୁରା ବ୍ଲକ ଗୁଣ୍ଡୁଣିଆ ପଞ୍ଚାୟତ ଉପନିର୍ବାଚନ

ଚମ୍ପୁଆ, ୨/୫(ଶ୍ରୁ.ମି.) : କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକର ଗୁଣ୍ଡୁଣିଆ ପଞ୍ଚାୟତ ସରପଞ୍ଚ ପଦ ପାଇଁ ଆଜି ଉପ ନିର୍ବାଚନ । କାର୍ଯ୍ୟରତ ସରପଞ୍ଚ ଶିଙ୍ଗରାୟ ମୁଣ୍ଡାଙ୍କ ଦେହାନ୍ତ ପରେ ସରପଞ୍ଚ ପଦବୀ ପାଇଁ ଏହି ଉପ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ୧୧ ବୁଥରେ ଭୋଟ ଦେଉଛନ୍ତି ଗୁଣ୍ଡୁଣିଆ ପଞ୍ଚାୟତର ୨୨୭୮ ଭୋଟର । ଏପ୍ରିଲ ୪ ତାରିଖ ରୁ ୬ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ନାମାଙ୍କନ ବିକ୍ରି ଏବଂ ଗ୍ରହଣ କରାଯାଇଥିଲା । ଏପ୍ରିଲ ୧୦ରେ ଯାଞ୍ଚ ପରେ ଏପ୍ରିଲ ୧୨ରେ ନାମାଙ୍କନ ପ୍ରତ୍ୟାହାର ହୋଇଥିଲା । ଏହାପରେ ନିର୍ବାଚନ ମଇଦାନରେ ୪ ଜଣ ପ୍ରାର୍ଥୀ ରହିଥିଲେ । ଆଦିବାସୀଙ୍କ ପାଇଁ ସଂରକ୍ଷିତ ଏହି ଆସନ ପାଇଁ ହରେକୃଷ୍ଣ ମୁଣ୍ଡା ସୂର୍ଯ୍ୟ ଚିହ୍ନ, ଶ୍ରୀଧର ମୁଣ୍ଡା ମାଛ ଚିହ୍ନ, ଲଛମନ ମୁଣ୍ଡା ଛତା ଚିହ୍ନ ଏବଂ ବୁଦ୍ଧଦେବ ମୁଣ୍ଡା ଖୋଲା ବହି ଚିହ୍ନ ସହ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ଏପ୍ରିଲ ୩୦ ସନ୍ଧ୍ୟା ୫ ଘଟିକାରେ ପ୍ରଚାର ଶେଷ ହୋଇଥିଲା । ମଙ୍ଗଳବାର ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଛି । ଏଥିପାଇଁ ଏହି ପଞ୍ଚାୟତର ୧୧ ଗୋଟି ଓ୍ୱାର୍ଡ ପାଇଁ ୬ ଟି ସ୍କୁଲରେ ୧୧ ଗୋଟି ବୁଥ ଜରିଆରେ ଭୋଟ ଗ୍ରହଣ ହୋଇଛି । ମୋଟ ୨୨୭୮ ଜଣ ଭୋଟର ମଧ୍ୟରୁ ମହିଳା ୯୩୮ଜଣ ପୁରୁଷ ୯୩୯ଜଣ ସେମାନଙ୍କ ମନ ପସନ୍ଦର ସରପଞ୍ଚ ପ୍ରାର୍ଥୀ ବାଛିଛନ୍ତି । ଦିନ ୧ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଛି । ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବାବେଳେ ୮୨.୪୦% ପ୍ରତିଶତ ମତ ଦାନ ହୋଇଥିବା ସୂଚନା ରହିଛି । ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ଏବଂ ଅବାଧ ଭୋଟ ଗ୍ରହଣ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଝୁମ୍ପୁରା ତହସିଲଦାର ରମେଶ ଚନ୍ଦ୍ର ନାୟକ ସେଠାରେ ଉପସ୍ଥିତ ରହି ମାଜିଷ୍ଟ୍ରେଟ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆସନ୍ତା ୪ ତାରିଖ ସକାଳ ୮ ଟାରୁ ଭୋଟ ଗଣତି ହେବ ବୋଲି ଜଣାପଡ଼ିଛି ।

# ଜଲାନ କାର୍ବନ ଆଣ୍ଡ କେମିକାଲ୍ସ ପ୍ରାଇଭେଟ ଲିଃ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ




ତାଳଚେର, ୨/୫(ଶ୍ରୁ.ମି) : ତାଳଚେର ଏକଘରିଆ ସ୍ଥିତ ଜଲାନ କାର୍ବନ ଆଣ୍ଡ କେମିକାଲ୍ସ ପ୍ରାଇଭେଟ ଲିମିଟେଡ଼ ଫ୍ୟାକ୍ଟ୍ରି ପକ୍ଷରୁ ମଇ ୧ତାରିଖରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଏହି ଦିବସର ଅଭିନନ୍ଦନ ଜଣାଇବା ସହ ଶ୍ରମିକମାନଙ୍କ ନିମନ୍ତେ କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ସେହିପରି କାର୍ଯ୍ୟରତ ସମୟରେ ସମସ୍ତ ସୁରକ୍ଷା ନିୟମାବଳୀକୁ ପାଳନ କରିବାକୁ ଶ୍ରମିକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ପ୍ଲାଣ୍ଟ ଇନଚାର୍ଜ ଆଶିଷ ସିଂହ,ଚିଫ୍ ସିକ୍ୟୁରିଟି ଅଫିସର ରାଜେଶ ସିଂହ,ଇଞ୍ଜିନିୟର ନିର୍ମାଲ୍ୟ ମହାରଣା ଏବଂ ରାହୁଲ କୁମାର ପ୍ରମୁଖ ଉପସ୍ଥିତ ମହିଳା ଓ ପୁରୁଷ ଶ୍ରମିକମାନଙ୍କୁ ମିଠା,ସ୍ନାକ୍ସ ଏବଂ ମୃଦୁପାନୀୟ ଆଦି ପ୍ରଦାନ କରି ସେମାନଙ୍କର ଶୁଖ ସମୃଦ୍ଧି କାମନା କରିଥିଲେ ।

# ବଲାଙ୍ଗିର ଜିଲ୍ଲା ଓ୍ୟୁଜେର ଶ୍ରମିକ ଦିବସକୁ ପ୍ରତିବାଦ ଦିବସ ପାଳିତ



ବଲାଙ୍ଗିର, ୦୨/୦୫(ଶ୍ରୁ.ମି.) : ବଲାଙ୍ଗିର ଜିଲ୍ଲା ଓ୍ୟୁଜେ ପକ୍ଷରୁ ମେ ୧ ତାରିଖ ଶ୍ରମିକ ଦିବବସକୁ ପ୍ରତିବାଦର ଦିବସ ପାଳନ କରାଯାଇଛି । ଗତକାଲି ମେ ୧ ତାରିଖ ୫ଘଂଟା ସମୟରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ମିଶ୍ର (ବଦ୍ରି)ଙ୍କ ସବାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ବିଭିନ୍ନ ପ୍ରସଙ୍ଗ ଉପରେ ଅଲୋଚନା ହିଇଥିଲା । କାର୍ଯ୍ୟରତ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ଆକ୍ରୋଶର ଶୀକାର ହେଉଥରବାରୁ ସାମ୍ବାଦିକ ଆଇନକୁ ସରକାର ତୁରନ୍ତ ବିଚାରକୁ ନେଇ ସାମ୍ବାଦିକ ସୁରକ୍ଷା ଆଂନ ପ୍ରଣୟନ କରନ୍ତୁ, କାର୍ଯ୍ୟରତ ସମ୍ବାଦିକମାନଙ୍କ ପାଇଁ ମାସିକ ୧୫ ହଜାର ଟଙ୍କାର ପେନସନର ବ୍ୟବସ୍ଥା, ବୀମା ରାଶି ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ଅଧିସ୍ୱୀକୃତି କମିଟୀ ପୂର୍ନଗଠନ କରିବାକୁ ନେଇ ଆଜିର ସଭାରେ ଆଲୋଚନା ହୋଇଥିଲା । ଏହି ସବୁ ସମସ୍ୟାକୁନେଇ ଲିଖିତ ଭାବରେ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯିବ ବୋଲି ନିସ୍ପତି ନିଆଗଲା । ସଭାରେ ସଂଘର ଉପ-ସଭାପତି ସରତ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜୀତ ଦାଶ, ବରିଷ୍ଠ ସଦସ୍ୟ ନବୀନ କୁମାର ପଶାୟତ, ଦେବାଶିସ ବହିଦାର, ଦୀଲିପ କୁମାର ମେହେର, ମାନସ ନନ୍ଦ, ଶଚି ବର୍ଗତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

# ଦୁଇଜଣ ଯୁବକ ଙ୍କୁ ଗିରଫ କୁ ପ୍ରତିବାଦ କରି ଓଡିଶା ଆସିଲେ ଶତାଧିକ ଗ୍ରାମବାସୀ



ରାଇଘର, ୨ ।୫ (ଶ୍ରୁ.ମି) : ଦୁଇ ଜଣଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ ପରେ ଛତିଶଗଡ଼ ର ଶୋଭା ଥାନା ଅଧୀନରେ ଥିବା ଭୂତବେଡା , କୋଶେଙ୍ଗା , ଗୋନା ,କୋକଡି , ଗୋରଗାଁ , ଦରାହଡ଼ିହି ,ଶୋଭା , ଅଡ଼ଗଡି , କୋଇବା , ସାଇବିନକାସାର ଗ୍ରାମର ଶତାଧିକ ଲୋକେ ରାଇଘର ଥାନା କୁ ଆସିବା ଖବର ପାଇ ରାଇଘର ପୋଲିସ କୁରାବେଡା ଛକ ଠାରେ ସେମାନଙ୍କୁ ଅଟକାଇଥିଲା ସେମାନେ ଆସିବା କାରଣ ପଚାରିବା ପରେ ଆସିଥିବା ଲୋକେ ପୋଲିସ ଆଣିଥିବା ଦୁଇଜଣ ଗ୍ରାମବାସୀ ଙ୍କ ଖବର ଥାନା ଅଧିକାରୀଙ୍କୁ ପଚାରିବା କଥା କହିଥିଲେ ଏହାପରେ ପୋଲିସ ଏତେ ସଂଖ୍ୟାରେ ଲୋକ ଥାନାକୁ ଯାଇପାରିବେନି କହି ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଅନୁମତି ଦେଇଥିଲା ଥାନା ଅଧିକାରୀ ଛୁଟିରେ ଥିବାରୁ ଏସ ଡି ପି ଓ ଶୁଭେନ୍ଦୁ କୁମାର ଶବର ଙ୍କ ସହ ମିଶି ଆଲୋଚନା କରିଥିଲେ ଗିରଫ ହୋଇଥିବା ଦୁଇଜଣ ବର୍ତ୍ତମାନ କେଉଁଠାରେ ତାହା ଜାଣିବା ପରେ ସେମାନେ ଚାଲିଯାଇଥିଲେ । ପ୍ରକାଶ ଥାଉକି , ଦୁଇଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପରେ ନବରଙ୍ଗପୁର ପୋଲିସ ଗତ ଏପ୍ରିଲ ୩୦ ତାରିଖ ଦିନ ଓଡିଶା ଛତିଶଗଡ଼ ସୀମାନ୍ତ ହାତୀଗାଁ ରିଜର୍ଭ ଜଙ୍ଗଲ ରେ ନବରଙ୍ଗପୁର ପୋଲିସ ଡିଭିଏଫ ଯବାନ ଙ୍କ ଦ୍ୱାରା ସ୍ୱତନ୍ତ୍ର ନକ୍ସଲ ବିରୋଧୀ ଅପରେସନ ସମୟ ରେ ଡିଭିଏଫ ଯବାନ ଫେରୁଥିବା ସମୟରେ ଦୁଇ ସନ୍ଦିଗ୍ଧ ହେମଲାଲ ନାଗେଶ ଓ ପ୍ରକାଶ ମାର୍କୋମ ଙ୍କୁ ଜଙ୍ଗଲ ମଧ୍ୟରେ ସନ୍ଦିଗ୍ଧ ଅବସ୍ଥା ରେ ଧରିଥିଲେ ଓ ମାଓବାଦୀ ମାନଙ୍କୁ ବିଭିନ୍ନ ସାହାଯ୍ୟ କରୁଥିବା ସହ ପୋଷ୍ଟର ଓ ବ୍ୟାନର ଲଗେଇବାରେ ସାହାଯ୍ୟ କରୁଥିଲେ ବୋଲି ପୋଲିସ ପ୍ରେସ ନୋଟ ରେ ସୂଚନା ଦେଇଛନ୍ତି । ହେମଲାଲ ନଗେଶ ଙ୍କ ଘର ମୋତି ପାଣି ଓ ପ୍ରକାଶ ମାର୍କମଙ୍କ ଘର ଭୁତ ବେଢା ବୋଲି ସୂଚନା ମିଳିଛି ।

# ସ୍ୱାସ୍ଥ୍ୟ ବିଭାଗ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ରାଇଘର, ୨ ।୫ (ଶ୍ରୁ.ମି) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଇଘର ମେଡିକାଲ ଏବଂ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା, ନବରଙ୍ଗପୁର ଜିଲ୍ଲା ରକ୍ତଭଣ୍ଡାର କର୍ମଚାରି ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ,ହାଟଭରଣ୍ଡୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ୯୧ ୟୁନିଟ ଏବଂ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩୧ ୟୁନିଟ ଟୋଟାଲ ୨୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା,ଏହି ରକ୍ତଦାନ ଶିବିର ରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡ଼କ୍ଟର ଦଶରଥ ନାଗ, ଚିକିତ୍ସା ଅଧିକାରୀ ଡାକ୍ତର ଅସୀମ କୁମାର ସାହୁ, ଚିକିତ୍ସକ ଡାକ୍ତର ରୁପେଣ କୁମାର,ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ, ଉପାଧକ୍ଷ ଗୁପ୍ତପ୍ରସାଦ ଝାଙ୍କର,ପୂର୍ବତନ ଜିଲ୍ଲାପରିଷଦ ପ୍ରୀତିସ୍ମିତା ମହାପାତ୍ର,ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସୁରେଶ କୁମାର ବେବର୍ତ୍ତା, ବହୁମୁଖି ସ୍ୱାସ୍ଥ୍ୟ ପରିଦର୍ଶକ ଏମ. ଆର କେ ରାଜୁ, ବହୁମୁଖି ସ୍ୱାସ୍ଥ୍ୟ ପରିଦର୍ଶକ ହାରାଧନ ସରକାର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ହନୁମନ୍ତ ମାଝୀ,ମେଡିକାଲ ଫାର୍ମାସିଷ୍ଟ ଶଙ୍କରଷଣ ସାହୁ,ବହୁମୁଖୀ ସ୍ୱାସ୍ଥ୍ୟ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନୀଳମାଧମ ମିଶ୍ର ଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ସଫେଇ କର୍ମଚାରି ମାନେ ଉପସ୍ଥିତ ଥିଲେ ।



# ପୁଅ ବହୁ ହେବ ତ ଏମିତି



କଙ୍କଡ଼ାହାଡ଼, ୨ ।୫ (ଶ୍ରୁ.ମି) : ସତରେ ଦର୍ଶକ ବନ୍ଧୁ ମାଆ ଟିଏ ଦଶ ମାସ ଦଶ ଦିନ ଗର୍ଭ ଧାରଣ କରି ବଡ କଷ୍ଟରେ ଦୁଃଖ କଷ୍ଟ ସହି ପୁଅ ଟିଏ ଜନ୍ମ କରି ଥାଏୟ କଥାରେ ଅଛି ଲକ୍ଷେ ଶିବ ପୂଜି ପାଇଛି ପୁଅ । ଠିକ୍ ସେମିତି ଜଣେ ବୃଦ୍ଧା ମାଉସୀ ନିଜ ପୁଅ ବୋହୁଙ୍କ ସେବାରେ ଅନୁପ୍ରାଣିତ ହୋଇ ରୋଗ ଶଯ୍ୟାରେ ପଡ଼ି ରହି ମଧ ପାଟିରେ କଥା ବାହାରୁ ନ ଥିଲେ ମଧ ବେଶ୍ ଖୁସି ଅଛନ୍ତି ବୋଲି ଅନୁଭବ ହୁଏ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ କଙ୍କଡ଼ାହାଡ଼ ଗ୍ରାମର ଧକେଇ ପାତ୍ରଙ୍କ କଥା । ଧକେଇ ମାଉସୀଙ୍କ ସ୍ୱାମୀ ବୁଦ୍ଧିମନ୍ତ ପାତ୍ର ୨୪ ବର୍ଷ ହେବ ଆର ପାରିକୁ ଚାଲି ଗଲା ପରେ ନିରୁପାୟ ହୋଇ ପିଲା ଛୁଆଙ୍କୁ ଧରି ପରିବାର ଚଳାଉ ଥିଲେ । ତିନି ବର୍ଷ ହେବ ଦଇବ କି ଖେଳ ଖେଳି ଦେଲା କେଜାଣି ଧକେଇ ମାଉସୀଙ୍କ ଦେହ ଖରାପ ହୋଇ ପାରାଲିଶିସ୍ ରୋଗରେ ପୀଡିତ ହୋଇ ରୋଗ ଶଯ୍ୟାରେ ପଡ଼ି ରହିଛନ୍ତି । ପାଖରେ ସାହାରା କହିଲେ ପୁଅ ବହୁୟ ସଞ୍ଜୟ ନିଜ ମାଆଙ୍କ ଦେହ ଯେତେବେଳେ ସୁସ୍ଥ ଥିଲା ସେତେବେଳେ ବାହାରକୁ ଯାଇ ବେଶ୍ ଦୁଇ ପଇସା ଆଣି ଖୁସିରେ ଘର ଚଳାଉ ଥିଲେ । କିନ୍ତୁ ଏବେ ଦଇବ କଣ ସାଧିଲା କେଜାଣି ମାଆଙ୍କ ସେବା କରି କରି ନା ଯାଇ ପାରୁଛନ୍ତି ବାହାରକୁ ନା ଆଣି ପାରୁଛନ୍ତି ଦୁଇ ପଇସା ଘରକୁ । ପୁଅ ବହୁ ନିଜ ମାଆଙ୍କ ସେବା କରିବା ସହିତ ନିଜ ପିଲା ସେବା କରି ଦିନ ବିତାଉ ଥିଲେ ମଧ ନିଜ ପାଖରେ କାଣି କଉଡ଼ି ଟିଏ ମଧ ନାହିଁ, ପରିବାର ଚଳାଇବା ପାଇଁୟ ନିଜ ମାଆର ସେବା କରି ବାହାରକୁ ଜାଇ ପାରୁ ନାହାଁନ୍ତି ଦାଦନ ଖଟି । ସଞ୍ଜୟ ଦିନେ ଉଳିଏ କାମ ମିଳିଲେ ବାହାରକୁ ଯାଆନ୍ତି କାମ କରିବା ପାଇଁ କାମ ନ ମିଳିଲେ ଘରେ ହାତ ଗୁଞ୍ଜି ବସି ପଡନ୍ତି । ମାଆଙ୍କ ଔଷଧ ବାବଦକୁ ମାସକୁ ମାସ ଦୁଇ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପାଖରେ ଟଙ୍କା ଟିଏ ମଧ ନାହିଁ ବୋଲି ସଞ୍ଜୟ ପାତ୍ର କହିଛନ୍ତିୟ ରାସନ ଚାଉଳ କହିଲେ ୧୦ କେ.ଜି, ମାଆଙ୍କ ଭତ୍ତା ୫୦୦ ଟଙ୍କା,ଘର କହିଲେ ଭଙ୍ଗା କୁଡିଆରେ ପରିବାର ଚାଲେୟ ଏ ନେଇ ସଞ୍ଜୟ ଓ ତାଙ୍କ ପତ୍ନୀ ଅବନ୍ତି ନାଏକ ପ୍ରଶାସନକୁ ନିବେଦନ କରିଛନ୍ତି କି କିଛି ଆର୍ଥିକ ସହାୟତା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପାଞ୍ଚ ଶହ ଭତ୍ତାକୁ ସାତ ଶହକୁ ବୃଦ୍ଧି କରିବା ସହିତ ଅନ୍ତୋଦୟରେ ସଂଯୋଗ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏବେ ଦେଖିବାକୁ ବାକି ରହିଲା ଗଣ ମାଧମରେ ପ୍ରଚାର ପ୍ରସାର ପରେ ଧକେଇ ମାଉସୀଙ୍କ ପରିବାର ପାଇଁ ପ୍ରଶାସନ କଣ ପଦକ୍ଷେପ ନେଉଛନ୍ତି ତାହାକୁ ହିଁ ଅପେକ୍ଷା ।

# ନୂଆପାଟଣା ମଠରେ ଶ୍ରମିକ ଦିବସ ପାଳିତ



ରାଜକନିକା:- ୨/୫ (ଏଜେନ୍ସି) :-ଆଜି ବିଶ୍ ଶ୍ରମିକ ଦିବସ ଅବସରରେ ମା ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ପକ୍ଷରୁ ଆଜି ବଳରାମପୁର ଓଲଭର ସ୍ଥିତ ନୂଆ ପାଟଣା ମଠରେ ଅଞ୍ଚଳର ଶ୍ରମିକ ମାନଙ୍କୁ ନେଇ ଶ୍ରମିକ ଦିବସ ପାଳନ କରାଯାଇଛି । ବଳରାମପୁର ୧୩ନମ୍ବର ୱାର୍ଡ ସଭ୍ୟ ପୁଷ୍ପଲତା ବେହୁରିଆଙ୍କ ସହଯୋଗରେ ମୁଖ୍ୟ ଅତିଥି ଭାବେ ୨୮ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତାପ ବେହେରା, ସନମାନିତ ଅତିଥି ଭାବେ ପରିଷଦର ରାଜକନିକା ବ୍ଲକ ସଭାପତି ବିଦ୍ଧୁ ଭୂଷଣ ବେହୁରିଆ, ସମ୍ପାଦିକା ରିତାଞ୍ଜଳି ନାଥ, ଜିଲ୍ଲା କାର୍ଯ୍ୟ କାରିଣୀ ଅଧକ୍ଷ ତଥା ଉପ ସଭାପତି ସୁକାନ୍ତ ମଳିକ ଯୋଗଦେଇ ଆଜି ଶ୍ରମିକ ଦିବସର ଗୁରୁତ୍ୱ ଓ ମହତ୍ୱ ବିଷୟରେ ଅଭିଭାଷଣ ରଖିଥିଲେ । ତେବେ ଓଡିଶା ସରକାର କେନ୍ଦ୍ରାପଡ଼ା ରେ ଏସିଆ ମହାଦେଶର ସର୍ବ ବୃହତ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଯାଉଛନ୍ତି ଯେଉଁଥିରେ କେନ୍ଦ୍ରାପଡ଼ା ର ସତାଧିକ ଯୁବକ ଯୁବତୀ ନିଯୁକ୍ତି ପାଇପାରିବେ ଓ ପରେ ପରେ ଆଉ ପାଞ୍ଚୋଟି କମ୍ପନି କେନ୍ଦ୍ରାପଡ଼ା ଅଞ୍ଚଳରେ ଗଢି ତୋଳିବାକୁ ଯାଉଛି ବୋଲି ଅତିଥି ମାନେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟ କର୍ମରେ ଓଳାଭର, ବଳରାମପୁର, ନହୁଣୀ, ପାରି ନୂଆପଡା ହବଳ ଗଣ୍ଡ ଆଦି ଅଞ୍ଚଳରେ ସତାଧିକ ମହିଳା ପୁରୁଷ, ଯୁବକ ଯୁବତୀ ଶ୍ରମିକମାନେ ଯୋଗଦେଇଥୁବା ଦେଖୁବାକୁ ମିଳିଥିଲା.,ତେବେ ଶ୍ରମିକ ସୁରକ୍ଷା ଓ ବୀମା ସହିତ କାର୍ଯ୍ୟରତ ଶ୍ରମିକ ମାନଙ୍କ ପରିବାରକୁ ସରକାରୀ ସହାୟତା, ଭତ୍ତା ଓ ମୃତ ଶ୍ରମିକ ର ପିଲାଙ୍କୁ ପାଠପଢା ଖର୍ଚ୍ଚ ଆଦି ସୁବିଧା ବିଷୟରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ ।

# ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନଙ୍କୁ "ବିଜୁ ଶ୍ରମିକ ବନ୍ଧୁ" ସମ୍ମାନ



ତାଳଚେର, ୨/୫(ଶ୍ରୁ.ମି): ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଅବସରରେ ତାଳଚେରର ବରିଷ୍ଠ ଶ୍ରମିକନେତା ସୌଭାଗ୍ୟ ପ୍ରଧାନଙ୍କୁ "ବିଜୁ ଶ୍ରମିକ ବନ୍ଧୁ" ସମ୍ମାନରେ ସମ୍ମାନୀତ କରାଯାଇଛି । ଓଡିଶା ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାବେଶରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରମିକ ନେତା ଶ୍ରୀ ପ୍ରଧାନଙ୍କୁ ମାନପତ୍ର,ଉତରୀୟ, ପୁଷ୍ପଗୁଛ ସହିତ ୫୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ ପୂର୍ବକ ୨୦୨୩ ବର୍ଷ ନିମନ୍ତେ "ବିଜୁ ଶ୍ରମିକ ବନ୍ଧୁ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶ୍ରୀ ପ୍ରଧାନ ଉକ୍ତ ପୁରସ୍କାର ରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରି ଦେଇ ନିଜର ମହାନତାର ପରିଚୟ ଦେଇଥିଲେ । ଏହି ଖବର ପ୍ରସାରିତ ହେବାମାତ୍ରେ ତାଳଚେର, ବ୍ରଜରାଜନଗର, କଣିହାଁ ତଥା ଅନୁଗୋଳ ଇତ୍ୟାଦି ଅଂଚଳର ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ମହଲ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ, ଶ୍ରୀ ପ୍ରଧାନ ୨୦୧୨ମସିହାରୁ ଅଦ୍ୟାବଧି ଓଡିଶା କୋଲିୟରୀ ମଜଦୁର ସଂଘର ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱ ନିର୍ବାହ କରି ଆସୁଥିବା ବେଳେ ୨୦୦୩ ମସିହାରୁ ଏମ୍‌ସିଏଲ୍‌ର ସଂଯୁକ୍ତ ପରାମର୍ଶ କମିଟିର କାର୍ଯ୍ୟକାରୀ ସଦସ୍ୟ ତଥା ଖଣି ସୁରକ୍ଷା ପରାମର୍ଶ କମିଟିର ବରିଷ୍ଠ ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି । ତାହାସହିତ ସେ ୨୦୨୨ ମସିହାରୁ ଇଣ୍ଡିଆନ୍ ନେସ୍‌ନାଲ୍ ମାଇନ୍ସ ୱାର୍କରର୍ସ ଫେଡେରେସନ୍‌ର ସାଧାରଣ ସମ୍ପାଦକ ଭାବରେ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ବହୁ କାର୍ଯ୍ୟ କରି ଆସିଛନ୍ତି ।

# କେନ୍ଦୁ ପତ୍ର କର୍ମଚାରୀଙ୍କ ପାଞ୍ଚ ଦଫା ଦାବି ନେଇ କଳା ବ୍ୟାଚ ପରିଧାନ କରି ଅଫିସ୍ ସମ୍ମୁଖରେ ଧାରଣା

କଙ୍କଡ଼ାହାଡ, ୨ ।୫ (ଶ୍ରୁ.ମି) : ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କେନ୍ଦୁ ପତ୍ର କର୍ମଚାରୀଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଲେ କେନ୍ଦୁ ପତ୍ର କର୍ମଚାରୀୟ ଖରା ବର୍ଷା ପାଣି ପବନ ଶୀତ କାକର ନ ସହି ମହିଳା ଓ ପୁରୁଷ ମାନେ କେନ୍ଦୁ ପତ୍ର ସଂଗ୍ରହ କରି ଥାଆନ୍ତି । କେନ୍ଦୁ ପତ୍ର ସଂଗ୍ରହ କରୁ ଥିଲେ ମଧ ଉଚିତ୍ ମୂଲ୍ୟ ମିଳି ପାରୁ ନାହିଁ କେନ୍ଦୁ ପତ୍ର ତୋଳାଳୀ ଓ କର୍ମଚାରୀଙ୍କୁ । କେନ୍ଦୁ ପତ୍ର ସଂଗ୍ରହ କରୁ ଥିବା ପରିବାରକୁ ସରକାର ଅନେକ ସହାୟତା ମିଳିବ ବୋଲି ଘୋଷଣା କରୁ ଥିବା ବେଳେ ଉଚି୍ ସମୟରେ ମିଳି ପାରୁ ନାହିଁ ସହାୟତାୟ କର୍ମଚାରୀ ଟିଏ ଅନେକ ସମୟରେ ରିପୋର୍ଟ ସଂଗ୍ରହ କରିବା ପାଇଁ ଦିନକୁ ୫୦ ରୁ ୬୦ କିଲୋମିଟର ଯାତାୟାତ କରୁ ଥିବା ବେଳେ ପାରିଶ୍ରମିକ ବାବଦକୁ ମିଳୁଚି ସୁନ । ଏହି ପାରିଶ୍ରମ ବାବଦକୁ ସଠିକ୍ ସମୟରେ ଟଙ୍କା ନ ମିଳିବାରୁ ପାଞ୍ଚ ଦଫା ଦାବି ନେଇ ମୁନିସ, ଚପରାସି, ଚକିଅର ଏକ ତ୍ରିତ ହୁଇ କର୍ମଚାରୀଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ କଳା ବ୍ୟାଚ୍ ପରିଧାନ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ଥିଲେ ।

# ହିରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ର ଅନ୍ତର୍ଜାତୀୟ ଶ୍ରମିକ ଦିବସ

ବଲାଙ୍ଗିର, ୨ ।୫ (ଶ୍ରୁ.ମି) : ହିରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ବଲାଙ୍ଗିର ଶାଖା ତରଫରୁ ସ୍ଥାନୀୟ ପାଓ୍ୱାର ହାଉସ ସଂଘ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏଥିରେ ଉପ-ସଭାପତି ପବିତ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଦିବସର ମହତ୍ୱ ଉପରେ ଆଲୋଚନା କରି ସଭାକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ରୂପେ ନାଗରିକ କମିଟିର ସାଧାରଣ ସଂପାଦକ ତଥା ଶିକ୍ଷାବିଦ୍ ମନୋରଂଜନ ସାହୁ ଯୋଗ ଦେଇ ଶ୍ରମିକ ଦିବସର ଇତିହାସ ତଥା ସାଂପ୍ରତିକ ପରିସ୍ଥିତିରେ ସଂଗଠନର ପ୍ରାସଙ୍ଗିକତା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ସେହି ପରି ସମ୍ମାନିତ ଅତିଥି ରୂପେ ଉପଦେଷ୍ଟା ଅମ୍ବରିଶ ମିଶ୍ର, ଯୁଗ୍ମ ସଂପାଦକ ସମ୍ବିତ ପଣ୍ଡା, ଡିଭିଜର ସଂପାଦକ ଉଦ୍ଧବ କରନ, ଶ୍ରମିକ ନେତା ରାମ କୁମାର ସା, ସୁରେନ୍ଦ୍ର ସେଠ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ଶ୍ରମିକମାନଙ୍କର ସ୍ଥିତି ଶୋଚନୀୟ ହେବା ଓ ସାମାଜିକ ସୁରକ୍ଷା ବିନା କାମ କରିବା, ବିନା ଅତିରିକ୍ତ ପାଉଣାରେ ୮ ଘଣ୍ଟାରୁ ଅଧିକ କାମ କରିବା ଇତ୍ୟାଦି ସମସ୍ୟା ସଂଘ ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମଧ ନିଷ୍ପତ୍ତି ନିଆଯାଇଥିଲା ।

# ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ




ତାଳଚେର, ୨/୫(ଶ୍ରୁ.ମି): ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ଡେରା ଓଭରବ୍ରିଜ ନିକଟସ୍ଥ ଶ୍ରମିକ ଭବନ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ଅବସରରେ ଶ୍ରମିକମାନଙ୍କର ବିଭିନ୍ନ ଦାବୀ,ସମସ୍ୟା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏମସିଏଲ ତରଫରୁ ୯ଟି ଛୁଟି ଦିବସରେ ଶ୍ରମିକମାନଙ୍କୁ ମଜୁରୀ ଦେବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ତାହା ଦିଆ ଯାଉନାହିଁ । ସିଏମପିଏଫ୍ ଅର୍ଥ ଶ୍ରମିକଙ୍କ ଦରମାରୁ କଟା ଯାଉଥିବା ବେଳେ ଠିକାଦାର ଏହାକୁ ଜମା ନକରି ଶ୍ରମିକଙ୍କ ପରିଶ୍ରମ ଜନିତ ଅର୍ଥକୁ ଲୁଟ୍ କରୁଛି । ତାଳଚେର କୋଇଲାଖଣି ଅଂଚଳରେ ସିଏମପିଏଫ୍ କାର୍ଯ୍ୟାଳୟ ଏକ ପ୍ରହସନରେ ପରିଣତ ହୋଇଛି । ଏ ସମ୍ବନ୍ଧରେ ଉପସ୍ଥିତ ଶ୍ରମିକମାନେ ସଭାପତିଙ୍କ ନିକଟରେ ଅଭିଯୋଗ କରିଥିଲେ । ୟୁନିୟନ ତରଫରୁ ରେଳ ୱାଗନଗୁଡ଼ିକରେ କୋଇଲା ପରିବହନ ବେଳେ ପାଲ ଭିଡ଼ା ହେଉନଥିବା ଯୋଗୁଁ ବାୟୁ ପ୍ରଦୁଷଣ ହେଉଥିବା ଜିଲ୍ଲା ପ୍ରଶାସନ, ରେଳ ବିଭାଗ ଏବଂ ଏମସିଏଲ ଅଧିକାରୀମାନଙ୍କୁ ଅଭିଯୋଗ କରାଯାଇ ଆସୁଥିଲେ ହେଁ ଏହା କାର୍ଯ୍ୟକାରୀ ହେଉନାହିଁ । ଏଣୁ ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତି ହୋଇଥିଲା । ଆଇଏନଟିୟୁସି ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ,ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସର ସଭାପତି ରାଜକିଶୋର ସାହୁ.ବାଉରୀବନ୍ଧୁ ପ୍ରଧାନ,ବିନୋଦ ଲାଲ, ଧର୍ମାନନ୍ଦ ମହାନ୍ତି,ହେମନ୍ତ ବାରିକ,ଶରତ ନାଏକ ପ୍ରମୁଖ ଆଲୋଚନାରେ ଭାଗ ନେଇ ତାଳଚେର କୋଇଲାଖଣି ଅଂଚଳରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ସଂଘ ସାଲିସ ବିହୀନ ସଂଗ୍ରାମ ଜାରି ରଖିବ ବୋଲି ସଭାରେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ସଂଘର ବିଶ୍ୱରଞ୍ଜନ ପାଣି,ପ୍ରହଲ୍ଲାଦ ବେହେରା,ଗୋବିନ୍ଦ ପ୍ରଧାନ,ମଳୟ ରଞ୍ଜନ ମହାରଣା,ପ୍ରଭାତ କୁମାର ରଥ ପ୍ରମୁଖ କର୍ମକର୍ତାମାନେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ସଭାରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ

ବଲାଙ୍ଗିର, ୨ /୫ (ଶ୍ରୁମି.) : ମଇ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁସାରେ ଆଜି ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ , ସୁରେଶ କୁମାର ନାଏକ , ଡ଼ ଗୁଣନିଧି ନାୟକ , କୁମାର ନାଗଭୂଷଣ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ , ତହସିଲଦାରମାନେ ଉପସ୍ଥିତ ଥିଲେ ।

# ଟ୍ରାକ୍ଟର - ବାଇକ୍ ଧକ୍କା : ଜଣେ ମୃତ,ଜଣେ ଗୁରୁତର

## ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଫେରାର

ତେଲକୋଇ, ୨ ।୫ (ଶ୍ରୁ.ମି) : ତେଲକୋଇ ଜଗମୋହନ ପୁରୁ ପୂର୍ତ୍ତ ବିଭାଗ ରାସ୍ତାର ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ଏବଂ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତିୟ ମୃତକ ବନମାଳୀ ମହାନ୍ତ ଙ୍କ ପୁଅ ଚିନ୍ମୟ ମହାନ୍ତ (୨୧) ଓ ଗୁରୁତର ହେଲେ ଭିକାରୀ ମହାକୁଡ଼ ଙ୍କ ପୁଅ ରାକେଶ ମହାକୁଡ଼(୨୨) ୟ ଉଭୟ ଙ୍କ ଘର ତେଲକୋଇ ଥାନା ଅଧୀନ କତରାପାଲି ଗ୍ରାମରେ ବୋଲି ସୂଚନା ରହିଛି ୟ ତେବେ ସୂଚନା ଅନୁଯାୟୀ ସୋମବାର ରାତି ପ୍ରାୟ ୯ ଘଟିକାରେ ଉକ୍ତ ଯୁବକ ଦ୍ୱୟ ଓଡ଼ି ୦୯ଟି ୧୧୮୧ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ପେଟ୍ରୋଲ ପମ୍ପ ରୁ ତେଲ ପକାଇ ଘରକୁ ଫେରୁଥିଲେ । ଏହି ସମୟରେ ପେଟ୍ରୋଲ ପମ୍ପର ଅନତି ଦୂରରେ ଏକ ଟ୍ରାକ୍ଟର ସହିତ ବାଇକ୍ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଉଭୟ ଗୁରୁତର ଭାବେ ପଡି ରହିଥିଲେ । ଖବର ପାଇ ତେଲକୋଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର କୁ ସ୍ଥାନୀୟ ଲୋକେ ଅଟକାଇ ଥିଲେ ସୁଦ୍ଧା ଟ୍ରାକ୍ଟର ଟି ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଗାଡ଼ି ମାଲିକ ଘଟଣା ସ୍ଥଳରେ ପହଞ୍ଚି ପାଟି ତୁଣ୍ଡ କରି ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇ ଥିବା ଗାଡ଼ିକୁ ନେଇ ଫେରାର ହୋଇ ଯାଇଥିଲେ । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଆଲୋଡନ ସୃଷ୍ଟି କରିଛି । ଏହି ଘଟଣା ପରେ ମୃତକ ଙ୍କ ପରିବାର ପକ୍ଷରୁ ତେଲକୋଇ ଥାନାରେ ଅଜଣା ଟ୍ରାକ୍ଟର ଧକ୍କାରେ ପୁଅ ର ମୃତ୍ୟୁ ହୋଇଥିବା ସମ୍ବନ୍ଧୀୟ ମୃତକ ଙ୍କ ପିତା ବନମାଳି ମହାନ୍ତ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୁଲିସ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ପାଇ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

## ଓସିଏ ପକ୍ଷରୁ ସ୍ପିନର ଟେଲେନ୍ଟ ହନ୍ଟ- ୨୦୨୩

# ଯୋଗଦେଲେ ପୂର୍ବତନ ଆନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦୀନେଶ ମୋଙ୍ଗିଆ




ବଲାଙ୍ଗିର,୨/୫ (ଶ୍ରୁ.ମି) : ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟେଡିଅମ ଠାରେ ଓସିଏ ତଥା ବଲାଙ୍ଗିର ଖେଳ ସଂସଦ ପକ୍ଷରୁ ସ୍ପିନରମାନଙ୍କ ପାଇଁ ଟେଲେନ୍ଟ ହନ୍ଟ- ୨୦୨୩ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବଲାଙ୍ଗିର ସମେତ ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆଁପଡା ଓ ବରଗଡ ଆଦି ୬ଗୋଟି ଜିଲ୍ଲାରୁ ପାଖାପାଖି ୬୦ ଜଣ ଖେଳାଳି ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପାଇଁ ଓସିଏ କାର୍ଯ୍ୟକର୍ତ୍ତାଗଣ ପୂର୍ବ ଦିନରୁ ବଲାଙ୍ଗିର ଆସି ପହ[illegible]ଥିବା ବେଳେ ଆଜି ପୂର୍ବ ସୁଚନା ଅନୁସାରେ ସମସ୍ତ ଓସିଏ କାର୍ଯକର୍ତ୍ତା ସକାଳ ୯ଟାରେ ଷ୍ଟେଡିଅମକୁ ପହଞ୍ଚିଥିଲେ । ବଲାଙ୍ଗିର ଖେଳ ସଂସଦ ର କାର୍ଯ୍ୟକର୍ତ୍ତା ବୃନ୍ଦ ସମସ୍ତ ଓସିଏ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ପାଛୋଟି ଆଣିଥିଲେ । ଓସିଏ କାର୍ଯ୍ୟକର୍ତ୍ତା ଗଣ ଓ ପୁର୍ବତନ ଆନ୍ତର୍ଜାତିକ କ୍ରିକେଟ ଖେଳାଳି ଦୀନେଶ ମୋଙ୍ଗିଆ ସମସ୍ତ ପ୍ରତିଯୋଗିଙ୍କ ସହ ପରିଚୟ ଆଦାନ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ପ୍ରତିଯୋଗୀଙ୍କୁ ବୁଝାଇଥିଲେ । ଖେଳାଳିମାନେ ଦୀନେଶ ମୋଙ୍ଗିଆ ତଥା ପ୍ରଭଞ୍ଜନ ମଲ୍ଲିକ ଭଳି ନାମୀ ଖେଳାଳିଙ୍କୁ ଦେଖେ ବେଶ ଉତ୍ସାହିତ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଓସିଏ କାର୍ଯ୍ୟକର୍ତ୍ତା ତଥା ସିନିଅର ପୁରୁଷ ସିଲେକ୍ସନ କମିଟି ଅଧକ୍ଷ୍ୟ ଅମୀୟ ରାଏ, ଜୁନିଅର ସିଲେକ୍ସନ କମିଟି ଅଧକ୍ଷ୍ୟ ପ୍ରଭଞ୍ଜନ ମଲ୍ଲିକ, ସିନିଅର ସିଲେକ୍ସନ କମିଟି ମେମ୍ବର ସୁବିତ ବିଶ୍ୱାଲ, ଜୁନିଅର ସିଲେକ୍ସନ କମିଟି ମେମ୍ବର ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କ ମାନ ନିର୍ଦ୍ଧାରଣ କରିବା ସହିତ ଉଦ୍ଦିଷ୍ଟ ଉପଦେଶ ଦେଇଥିଲେ । ସେହିପରି ଜିଲ୍ଲା ଖେଳ ସଂସଦ ପକ୍ଷରୁ ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ଡା ପ୍ରହଲ୍ଲାଦ ଶତପଥି, ସାଧାରଣ ସଂପାଦକ ହରୀନାରାୟଣ ପୁଜାରୀ,ସହ ସଂପାଦକ ଶତ୍ରୁଘ୍ନ ସିଂ, କୋଷାଧକ୍ଷ୍ୟ ପ୍ରଭାତ ମିଶ୍ର, କ୍ରିକେଟ ସଂପାଦକ ଓମ ପ୍ରକାଶ ଚାନ୍ଦ, କାଉନସିଲ ସଦସ୍ୟ ରାଜେନ୍ଦ୍ର ପୁରୋହିତ ଓ ସୁଧିର ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାଆର ପୃଥ୍ୱୀରାଜ ମିଶ୍ର ଓ କୋଚ ଅରୁଣ କୁମାର ନାଏକ ସଂଯୋଜନା କରିଥିଲେ ।

# ଶିକ୍ଷୟିତ୍ରୀ ସଂଜିଦାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଟକ, ୨/୫ (ଶ୍ରୁମି.) : ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଙ୍ଗାମନ୍ଦିରର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୋହନ ଗମାଙ୍ଗଙ୍କ ସଭାପତିତ୍ୱରେ ରବିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଶିକ୍ଷୟିତ୍ରୀ ସଂଜିଦା ବେଗମ୍‌ଙ୍କୁ ମାନପତ୍ର ଏବଂ ଉପଢ୍ୌକନ ଦେଇ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷୟିତ୍ରୀ କଳ୍ପନା ବେହେରା, ତୃପ୍ତିମୟୀ ଦାସ, ରିତାଳି ସାହୁ, ରୁନୁ ପାତ୍ର, ବାସନ୍ତି ମାର୍ଡ୍ଡି, ବନ୍ଦନା ସାହୁ ଏବଂ ଶାନ୍ତିଲତା ମାର୍ଡ୍ଡି ପ୍ରମୁଖ ଉପସ୍ଥିତ ରହି ଶ୍ରୀମତୀ ବେଗମ୍‌ଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିମା କୁମାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରଭାସିନୀ ଧୀର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ସ୍ତରୀୟ ମଇ ଦିବସ ଏବଂ ଆନ୍ତର୍ଜାତୀୟ ଶ୍ରମିକ ଦିବସ ୨୦୨୩ ପାଳିତ

*ଭବାନୀପାଟଣା /କେସିଙ୍ଗା ତା ୨ ।୫.(ଶ୍ରୁମି) : ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କଳାହାଣ୍ଡି ମିଳିତ ପ୍ରୟାସରେ ଆଜି ସ୍ଥାନୀୟ ଟାଉନ୍ ହଲ ଠାରେ ଜିଲ୍ଲା ସ୍ତରୀୟ ମଇ ଦିବସ ଓ ଆନ୍ତର୍ଜାତୀୟ ଶ୍ରମିକ ଦିବସ ୨୦୨୩ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ନର୍ଲା ବିଧାୟକ ଶ୍ରୀ ଭୂପିନ୍ଦର ସିଂ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।*

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର

## ନୀତିଶ୍ଳୋକ

ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।
ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।।

ଅନ୍ତର୍ଯାମୀ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ନାମକ ଶଙ୍ଖ ତଥା ଧନଞ୍ଜୟ ଅର୍ଜୁନ ଦେବଦତ୍ତ ନାମକ ଶଙ୍ଖ ବଜାଇଲେ ଏବଂ ଭୟଙ୍କର କର୍ମ କରୁଥିବା ବୃକୋଦର ଭୀମ ପୌଣ୍ଡ୍ର ନାମକ ମହାଶଙ୍ଖ ବଜାଇଲେ ।

# ଆପଦରୁ ଅବସର

ବିଶ୍ୱାସ ନହେଉଥିଲେ ମଧ୍ୟ ଘଟଣାଟି ସତ । ଏବେ ଭାରତବର୍ଷ ୟୁରୋପକୁ ସର୍ବାଧିକ ପେଟ୍ରୋଲଜାତ ପଦାର୍ଥର ରପ୍ତାନୀକାରୀ ରାଷ୍ଟ୍ର । ଆମେ ଜାଣୁ ଭାରତରେ ବିଶେଷ ତୈଳକୂପ ନାହିଁ । ଆମକୁ ତୈଳର ଆବଶ୍ୟକତା ପୂରଣ କରିବା ପାଇଁ ବିଶ୍ୱର ଅନେକ ଦେଶ ଉପରେ ନିର୍ଭର କରିବାକୁ ପଡେ । ବିଶେଷ କରି ମଧ୍ୟପ୍ରାଚ୍ୟର ଦେଶଗୁଡ଼ିକ ଉପରେ ଆମର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ଆମେ ନିର୍ଭରଶୀଳ । ଇରାକ, ଇରାନ, ସାଉଦୀ ଆରବ, ୟୁଏଇ,କତର ଓ ୟେମେନ ପରି ଦେଶ ଉପରେ ଭାରତ ନିର୍ଭରଶୀଳ । କିନ୍ତୁ ଋଷ-ୟୁକ୍ରେନ ଯୁଦ୍ଧ ବିଶ୍ୱ ବାଣିଜ୍ୟର ଚିତ୍ରକୁ ସମ୍ପୂର୍ଣ୍ଣ ଭାବେ ଓଲଟପାଲଟ କରିଦେଇଛି । ବନ୍ଧୁ ରାଷ୍ଟ୍ର ହେଲେ ମଧ୍ୟ ତୈଳ ସମୃଦ୍ଧ ଋଷିଆରୁ ଭାରତ ନିଜ ଆବଶ୍ୟକତାର ମାତ୍ର ୧% ତୈଳ ଆମଦାନୀ କରିଥାଏ । ଯୁଦ୍ଧ ପୂର୍ବରୁ ଭାରତ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଯେଉଁ ଦେଶଗୁଡ଼ିକ ଉପରେ ନିର୍ଭର କରେ ସେହି ସୂଚୀରେ ଇରାକ ପ୍ରଥମ । ସାଉଦୀ ଆରବ ଦ୍ୱିତୀୟ । କିଛି ବର୍ଷ ପୂର୍ବରୁ ଏହି ସୂଚୀର ସବୁଠୁ ଉପରେ ଇରାନର ନାଁ ରହୁଥିଲା । କିନ୍ତୁ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ସମେତ ମିଳିତ ଜାତିସଂଘ ମଧ୍ୟ ତା ଉପରେ ପ୍ରତିବନ୍ଧ ଲଗାଇଥିବାରୁ ସେହି ଦେଶ ଏବେ କେବଳ ନିଜର ଦୈନନ୍ଦିନ ଆବଶ୍ୟକତା ଜଥା ଖାଦ୍ୟ, ପାନୀୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ପଦାର୍ଥ ପୂରଣ ପାଇଁ ଏହି ସବୁ ପଦାର୍ଥ ବିନିମୟରେ ତୈଳ ରପ୍ତାନୀ କରୁଛି । ଏପରିକି ଭାରତ ଠାରୁ ବାସୁମତି ଚାଉଳ, ଗହମ ଏବଂ ମସଲା ପ୍ରଭୃତି ବିନିମୟରେ ତୈଳ ରପ୍ତାନୀ କରେ । ସୋଭିୟତ ଋଷରୁ ମୁଖ୍ୟତଃ ତୈଳ, ପ୍ରାକୃତିକ ଗ୍ୟାସ, ଯୁଦ୍ଧାସ୍ତ୍ର ଏବଂ ରାସାୟନିକ ସାର ଉପରେ ନିର୍ଭର କରେ । ଋଷିଆର ସବୁଠୁ ବଡ ଗ୍ରାହକ ହେଉଛନ୍ତି ୟୁରୋପୀୟ ରାଷ୍ଟ୍ର । ପାଇପ ଯୋଗେ ୟୁରୋପର ଅଧିକାଂଶ ଦେଶ ଗ୍ୟାସ ଓ ତୈଳ ଆମଦାନୀ କରିଥାନ୍ତି । କିନ୍ତୁ ଋଷ-ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ଦେଶମାନେ ଋଷ ଠାରୁ ତୈଳ, ପ୍ରାକୃତିକ ଗ୍ୟାସ ଆମଦାନୀ କରିବେ ନାହିଁ ବୋଲି ଏକ ନିଷ୍ପତ୍ତି ନେଇ ଏହି ଯୋଗାଣକୁ କ୍ରମଶଃ ବନ୍ଦ କରି ଶେଷରେ ପୁରା ବନ୍ଦ କରିଦେବାକୁ ନିଷ୍ପତ୍ତି ନେଲେ । ଆମେରିକା ପ୍ରରୋଚନାରେ ସେମାନେ ଏଭଳି କରିଥିଲେ । ଏହା ଋଷ ପାଇଁ ଏକ ଶକ୍ତ ଧକ୍କା ଥିଲା । ଆମେରିକାରେ ଜମା ଥିବା ଋଷର ପାଖାପାଖି ୬୦୦ କୋଟି ଡଲାରକୁ ଆମେରିକା ଫ୍ରିଜ କରିଦେଲା ପରେ ଋଷ ଘୋର ଆର୍ଥିକ ସଂକଟରେ ପଡିଥିଲା । ଏହି ସମୟରେ ଭାରତକୁ ରିହାତି ଦରରେ ତେଲ ବିକ୍ରି କରିବା ପାଇଁ ଋଷର ପ୍ରସ୍ତାବକୁ ଏକ ଅପୂର୍ବ ସୁଯୋଗ ମନେ କରି ଭାରତ ଗ୍ରହଣ କରିନେଇଥିଲା । କିନ୍ତୁ ଏପରି ନିଷ୍ପତ୍ତି ଅତ୍ୟନ୍ତ ବିପଦପୂର୍ଣ୍ଣ ଥିଲା । ଆମେରିକା ସମେତ ସମ୍ପୂର୍ଣ୍ଣ ୟୁରୋପୀୟ ଦେଶ ଏହାକୁ ନେଇ ଭାରତ ଉପରେ କ୍ଷୁବ୍ଧ ହେଲେ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକପ୍ରକାର ସମାଲୋଚନା କଲେ ଏବଂ ବିରୋଧ କଲେ । କିନ୍ତୁ ଭାରତ ନିଜ ନିଷ୍ପତ୍ତିରେ ଦୃଢ ରହିଲା । ସେମାନେ ପରୋକ୍ଷଭାବେ ହଇରାଣ କରିବାକୁ ଚେଷ୍ଟା କଲେ । ପ୍ରଥମତଃ ଭାରତକୁ ଋଷିଆରୁ ଜଳପଥରେ ଯାତ୍ରା ଅତ୍ୟନ୍ତ ବିପଦସଂକୁଳ । ପୂର୍ବେ ତୈଳ ଓ ଗ୍ୟାସ ପରିବହନ କରୁଥିବା ଅଧିକାଂଶ କଣ୍ଟେନର ଜାହାଜ ୟୁରୋପୀୟ ଦେଶମାନଙ୍କ ମାଲିକାନାରେ ଥିଲା ଏବଂ ସେଥିପାଇଁ ସେହି ଦେଶମାନେ ମୋଟାରକମ ନେଇ ବୀମା କରୁଥିଲେ । ଭାରତକୁ ଅକଳରେ ପକାଇବାକୁ ଯାଇ ୟୁରୋପୀୟ ଦେଶମାନେ କଣ୍ଟେନର ଯୋଗାଇବା ବନ୍ଦ କରିବା ସହ ବୀମା କରିବାକୁ ରାଜି ହେଲେ ନାହିଁ । ତୈଳବାହୀ ଜାହାଜଗୁଡିକୁ ଅନେକ ସମୟରେ ଜଳଦସ୍ୟୁମାନେ ଆକ୍ରମଣ କରି କ୍ଷତିସାଧନ କରିଥାନ୍ତି । ତେଣୁ ଋଷରୁ ତୈଳ ଆମଦାନୀ କରିବା ଅତ୍ୟନ୍ତ ବିପଦସଂକୁଳ ଥିଲା ଏଭଳି ପରିସ୍ଥିତିରେ ଋଷ ନିଜ ଆଡୁ କଣ୍ଟେନର ଯୋଗାଇ ଦେବା ସହ ନିରାପତ୍ତା ଯୋଗାଇ ଦେବାର ଦାୟିତ୍ୱ ନେଇ ରିହାତି ଦରରେ ଭାରତକୁ ତୈଳ ଯୋଗାଣ ଆରମ୍ଭ କରିବା ପରେ ତାହାର ପରିମାଣ ଦିନକୁ ଦିନ ବଢିବାରେ ଲାଗିଲା । ଓପେକ ଦେଶମାନେ ସବୁବେଳେ ସୁଯୋଗର ଅପେକ୍ଷାରେ ଥାଆନ୍ତି । ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ସେମାନେ ଅହେତୁକ ଭାବେ ତୈଳର ମୂଲ୍ୟ ବୃଦ୍ଧି କରିବା ସହ ଉତ୍ପାଦନ କମ କରିଦେଲେ । ଏହି କାରଣରୁ ପୃଥିବୀର ଅଧିକାଂଶ ଦେଶର ଘୋର ଆର୍ଥିକ କ୍ଷତି ହେଲା । ଅଥଚ ଭାରତ ନିଜର ଦୃଢ ନିଷ୍ପତ୍ତି ପାଇଁ ନିଜ ଦେଶବାସୀଙ୍କୁ ଶସ୍ତାରେ ତେଲ ଯୋଗାଇ ପାରିଲା । ଦିନ ଗଡିବା ସହ ଋଷ-ୟୁକ୍ରେନ ଯୁଦ୍ଧ ଲମ୍ବି ଲମ୍ବି ଯିବାରୁ ୟୁରୋପୀୟ ଦେଶମାନେ ହତାଶ ହୋଇପଡିଲେ । ନିଜର ଆବଶ୍ୟକତା ପୂରଣ କରିବା ପାଇଁ ମଧ୍ୟପ୍ରାଚ୍ୟର ଦେଶମାନଙ୍କରୁ ବହୁ ଅଧିକ ମୂଲ୍ୟରେ ତୈଳ ଆମଦାନୀ କରିବାକୁ ବାଧ ହେଲେ । ଏତିକିବେଳେ ଭାରତ ପ୍ରତ୍ୟୁତ୍ପନ୍ନମତିତାର ପରିଚୟ ଦେଇ ଏହି ଆପଦରୁ ଅବସର ସୃଷ୍ଟି କଲା । ଭାରତରେ ଥିବା ତୈଳକମ୍ପାନୀମାନେ ସରକାରଙ୍କ ନିର୍ଦ୍ଦେଶମତେ ନିଜର ରିଫାଇନାରୀ ଗୁଡିକରେ ସର୍ବାଧିକ ପରିମାଣର ପେଟ୍ରୋଲ ଡିଜେଲ, କିରୋସିନ, ଗ୍ୟାସୋଲିନ ଇତ୍ୟାଦି ପ୍ରସ୍ତୁତ କଲେ । 'ମରତା କ୍ୟା ନେହିଁ କରତା' ନ୍ୟାୟରେ ୟୁରୋପୀୟ ଦେଶମାନେ ପକାଇଥିବା ଛେପକୁ ଢୋକିବାକୁ ଲାଗିଲେ । ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଭାରତରୁ ଏହା କ୍ରୟ କରିବା ସକାଶେ ଆକୁଳ ନିବେଦନ କଲେ । ସେମାନେ ଠିକ ଜାଣିଥିଲେ ଯେ, ଭାରତ ଯେଉଁ ପେଟ୍ରୋଲ , ଡିଜେଲ ଇତ୍ୟାଦି ପ୍ରସ୍ତୁତ କରୁଛି ତାହା ଋଷରୁ ଆମଦାନୀ କରାଯାଇଥିବା ଅଶୋଧିତ ତୈଳରୁ । ନିଜର ମୁହଁ ଭୁରୁଡିକୁ ବଞ୍ଚେଇ ରଖିବା ପାଇଁ ସେମାନେ ଯୁକ୍ତି କଲେ ଯେ, ଆମେ ସିନା ଋଷରୁ ଅଶୋଧିତ ତୈଳ ନନେବାକୁ ନିଷ୍ପତ୍ତି ନେଇଛୁ କିନ୍ତୁ ଭାରତରୁ ବିଶୋଧିତ ତୈଳ ନେବାକୁ ତ ମନା କରିନୁ । ଆଶ୍ଚର୍ଯ୍ୟଜନକ ହେଲେ ମଧ୍ୟ ସତ କଥା ଯେ, ଭାରତ ଏହି ସବୁ ୟୁରୋପୀୟ ଦେଶମାନଙ୍କୁ ତୈଳ ରପ୍ତାନୀ କରିବାରେ ବର୍ତ୍ତମାନ ପୃଥିବୀରେ ନମ୍ବର ଏକ ସ୍ଥାନ ନେଇଛି । ତୈଳ ସମୃଦ୍ଧ ସାଉଦୀ ଆରବ ଦ୍ୱିତୀୟ ସ୍ଥାନରେ ରହିଛି । ଇତିମଧ୍ୟରେ ଆଉ ଏକ ସମ୍ବାଦ ପ୍ରକାଶ ପାଇଛି ଯେ, ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ଭାରତରୁ ବିପୁଳ ପରିମାଣରେ ବିଶୋଧିତ ତୈଳ ଆମଦାନୀ କରୁଛି । ବିଶ୍ୱ ବାଣିଜ୍ୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା 'କ୍ୟାପଲର ଡାଟା' 'ବ୍ଲୁମବର୍ଗ'ର ରିପୋର୍ଟକୁ ଆଧାର କରି ଏହି ତଥ୍ୟ ପ୍ରକାଶ ପାଇଛି । ସେଥିରେ କୁହାଯାଇଛି ଯେ, ୟୁରୋପୀୟ ଦେଶମାନେ ଭାରତରୁ ପ୍ରତିଦିନ ୩ଲକ୍ଷ ୬୦ହଜାର ବ୍ୟାରେଲ ବିଶୋଧିତ ତୈଳ ଆମଦାନୀ କରୁଛନ୍ତି ।। ଭାରତର ଏଭଳି ନିଷ୍ପତ୍ତି ସମଗ୍ର ବିଶ୍ୱକୁ ହତଚକିତ କରିଦେଇଛି । ନିଜ ଦେଶର ଅର୍ଥନୀତିକୁ ସୁଦୃଢ କରିବା ସହ ଦେଶରେ ପେଟ୍ରୋଲଜାତ ପଦାର୍ଥର ମୂଲ୍ୟକୁ ସ୍ଥିର ରଖିବାରେ ଏହା ସବୁଠୁ ଅଧିକ ସାହାଯ୍ୟ କରୁଛି ।

ଗୋଟିଏ ପ୍ରସିଦ୍ଧ ଉକ୍ତି ଅଛି । ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ଆଧୁନିକ ବିଜ୍ଞାନର ଇତିହାସକୁ ଦେଖିଲେ ସହଜରେ ଜଣାପଡିବ ଯେ, ପ୍ରଥମ ବିଶ୍ୱଯୁଦ୍ଧଠାରୁ ଏ ପର୍ଯ୍ୟନ୍ତ ଯେଉଁସବୁ ବୈଜ୍ଞାନିକ ଆବିଷ୍କାର ହୋଇଛି ତାହା ସମଗ୍ର ଆବିଷ୍କାରର ଅଧାରୁ ବେଶୀ । ବିଜ୍ଞାନର ସବୁ କ୍ଷେତ୍ରରେ ଏହି ସମୟ ଭିତରେ ଦ୍ରୁତଗତିରେ ଆବିଷ୍କାରମାନ ଘଟିଛି । ବୁଡାଜାହାଜଠାରୁ ଆରମ୍ଭ କରି ତୀବ୍ର ଗତିରେ ଉଡୁଥିବା ଲଢୁଆ ଜାହାଜ ମହାକାଶ ମାଧ୍ୟମରେ ବିଭିନ୍ନ କ୍ଷେପଣାସ୍ତ୍ର, ପରମାଣୁ ବୋମାଠାରୁ ବିଭିନ୍ନ ରାସାୟନିକ ବୋମା ପର୍ଯ୍ୟନ୍ତ ଏହି ସମୟ ଭିତରେ ଆବିଷ୍କୃତ ହୋଇଛି । ଆମେ ଅନୁଭବ କରିଛୁ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଶିଥିଳ ପ୍ରଗତି କରିଥିବା ଭାରତ ବର୍ଷ କରୋନା ସମୟରେ କିପରି ଭାବେ ମାସ୍କଠାରୁ ଆରମ୍ଭ କରି ପିପିଇ କିଟ, ଆଇସିୟୁ ୟୁନିଟ, ଭେଣ୍ଟିଲେଟର ଓ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣରେ ଆତ୍ମନିର୍ଭର ହୋଇପାରିଲା । ଏହି କ୍ଷେତ୍ରରେ ସବୁଠାରୁ ବଡ ଉପଲବ୍ଧି ହେଉଛି କରୋନା ପ୍ରତିଷେଧକ ଦୁଇ ଦୁଇଟି ଟିକାର ଆବିଷ୍କାର ଏବଂ ଏହି ସମୟରେ ୨୨୦ କୋଟିରୁ ଉର୍ଦ୍ଧ୍ୱ ଟିକାର ସଫଳ ପ୍ରୟୋଗ । ଏହି କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା, ଋଷିଆ, ଚୀନ ତଥା ଅନ୍ୟ ୟୁରୋପୀୟ ଦେଶମାନଙ୍କ ତୁଳନାରେ ଭାରତର ସଫଳତା ଏତେ ଅଧିକ ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମେତ ବିଶ୍ୱର ବହୁ ବଡବଡ ବୈଜ୍ଞାନିକମାନେ ମଧ୍ୟ ବିସ୍ମିତ ହୋଇଛନ୍ତି । କରୋନାର ତୃତୀୟ ଲହର ସମୟରେ ଫୁସଫୁସ ସଂକ୍ରମଣଜନିତ ମୃତ୍ୟୁହାର ବଢି ଚାଲିଥିବା ବେଳେ ଭାରତ ଯେପରି ଭାବେ ଅକ୍ସିଜେନ ଟ୍ରେନ ଓ ଗ୍ଲୋବମାଷ୍ଟର ଦ୍ୱାରା ବିଭିନ୍ନ ଅଞ୍ଚଳରେ ଅକ୍ସିଜେନ ପହଞ୍ଚାଇ ପାରିଲା ତାହା ଅତ୍ୟନ୍ତ ଅବିଶ୍ୱସନୀୟ । ଖାଲି ସେତିକି ନୁହେଁ ଏହି ଅବସରରେ ଭାରତରେ ନୂଆ କରି ଶହ ଶହ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ହେବା ମଧ୍ୟ ଏକ ଅସାଧାରଣ ଉପଲବ୍ଧି ।

ଋଷ-ୟୁକ୍ରେନ ଯୁଦ୍ଧଜନିତ ପରିସ୍ଥିତିରେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଭାରତ ଏହି ସମୟରେ ନିଜର ଅର୍ଥନୀତିକୁ ଆହୁରି ସୁଦୃଢ କରି ପଞ୍ଚମ ସ୍ଥାନକୁ ପହଞ୍ଚି ପାରିଛି । ସେହିଭଳି ଭାବେ ଭାରତ ନିଜର ଲକ୍ଷପଥରେ ଯେମିତି ଚାଲିଛି ସେଥିରୁ ଜଣାପଡେଯେ, ୨୦୪୭ ସୁଦ୍ଧା ଆମ ଦେଶ ଏକ ବିକଶିତ ରାଷ୍ଟ୍ରର ଗୌରବ ଲାଭ କରିବ ।

# ପବିତ୍ର ରାମ ନବମୀର ମହାତ୍ମ୍ୟ

ଚୈତ୍ର ଶୁକ୍ଳ ନବମୀ ତିଥି ରାମ ନବମୀ ରୂପେ ପରିଚିତ। ଏହି ଦିନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ପବିତ୍ର ଜନ୍ମୋତ୍ସବ। ଅଧର୍ମର ମୂଳୋତ୍ପାଟନ, ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିବାକୁ ଶ୍ରୀବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ଧରାବତରଣ କରିଥିଲେ। ପ୍ରାପ୍ତ ବୟସରେ ମିଥିଳା ନରେଶ ଜନକଙ୍କ ଦୁହିତା ଦେବୀ ସୀତାଙ୍କ ସହିତ ତାଙ୍କ ବିବାହ ବିଧି ସମ୍ପନ୍ନ ହୋଇଥିଲା। ପିତୃସତ୍ୟ ପାଳନ କରି ରାଜସୁଖ ପରିହାର ପୂର୍ବକ ଦେବୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହ ପ୍ରଭୁ ଚଉଦ ବର୍ଷ ବନବାସ ଯାଇଥିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଅପହରଣ କରିନେଲା। ରାବଣ ସମେତ ସମସ୍ତ ରାକ୍ଷସଙ୍କୁ ନିଧନ କରିଥିଲେ ପ୍ରଭୁ। ବନବାସ ପରେ ତାଙ୍କୁ ରାଜସିଂହାସନରେ ଅଭିସିକ୍ତ କରାଗଲା। ପ୍ରଜାକୂଳକୁ ସମ୍ମାନ ଦେବାକୁ ଦେବୀ ସୀତା ଅଗ୍ନିପରୀକ୍ଷା ଦେଇଥିଲେ ମଧ୍ୟ ପ୍ରଭୁ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ। ପ୍ରଭୁ ତାଙ୍କ ଅବତାରରେ ସମ୍ପୂର୍ଣ୍ଣ ମାନବ ଜୀବନଯାପନ କରିଥିଲେ। ମର୍ଯ୍ୟାଦା ପାଇଁ ସେ ନିଜର ସମସ୍ତ ସୁଖ ବଳି ଦେଇଥିଲେ। ଏହା ହିଁ ମାନବ ସମାଜ ପାଇଁ ଏକ ବଡ଼ ଶିକ୍ଷା। ପବିତ୍ର ରାମନବମୀ ଉପଲକ୍ଷେ ନଅ ଦିନ ବ୍ୟାପୀ ଭଜନ, କୀର୍ତ୍ତନ, ଯଜ୍ଞ, ରାମଚରିତ ମାନସ ଆଦି ପାଠ କରାଯାଏ। ଶ୍ରୀମନ୍ଦିରରେ ମଧ୍ୟ ଶ୍ରୀରାମଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଥାଏ। ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ମାତା ରୂପେ ବିଳମ୍ବିତ ରାତ୍ରୀରେ ଶ୍ରୀରାମଙ୍କୁ ଜନ୍ମ ଦେଇଥାନ୍ତି। ମଧ୍ୟାହ୍ନରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ନୀତି ଶେଷ ହେବାପରେ ଜନ୍ମନୀତି ଅନୁଷ୍ଠିତ ହୋଇଥାଏ। ଦୁଇଜଣ ମହାଜନ ସେବକ ଦଶରଥ ଓ କୌଶଲ୍ୟା ହୋଇ ଜନ୍ମବିଧି ପାଳନ କରିଥାନ୍ତି। ଗୁପ୍ତନୀତି କେହି ନଦେଖିବା ପାଇଁ ଗର୍ଭଗୃହରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରିଦିଆଯାଏ।

**ଡ଼ଃ.ଅରୁନ୍ଧତୀ ଦେବୀ**

# ଖବରକାଗଜ ସମାଜର ଆଖି ଓ କାନ

**ଶଶିଭୂଷଣ ପ୍ରହରାଜ**

ପ୍ରତିବର୍ଷ ମେ' ୩ ତାରିଖରେ ପାଳିତ ହୋଇଆସୁଛି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ। ୧୯୯୧ ମସିହାରେ ନାମିବିଆ ଉଇଣ୍ଡହକଠାରେ ଆୟୋଜିତ ଏକ ସେମିନାରରେ ପ୍ରେସ୍ ସ୍ୱାଧୀନତା ଦିବସ ପାଳନର ମୂଳଦୁଆ ପଡ଼ିଥିଲା। ତେବେ ଉକ୍ତ ସେମିନାରର ଘୋଷଣାନାମା କାର୍ଯ୍ୟକାରୀ କରିବା ଦିନକୁ ମନେ ପକାଇବା ପାଇଁ ପ୍ରତିବର୍ଷ ସାରା ବିଶ୍ୱରେ ମେ' ୩ ତାରିଖକୁ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ରୂପେ ପାଳନ କରାଯାଉଛି।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ବିଷୟରେ ଜାଣିବା ପୂର୍ବରୁ ପ୍ରେସ୍ ସ୍ୱାଧୀନତା ବିଷୟରେ ସମସ୍ତେ ସଚେତନ ହେବା ଆବଶ୍ୟକ। ସମାଜରେ ଗଣତନ୍ତ୍ର ସୁରକ୍ଷାରେ ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ବିଶ୍ୱର ବିକାଶ ଏ ଦିନର ଅନୁଚିନ୍ତା ଅଟେ। ଏକ ଦେଶରେ ଗଣତନ୍ତ୍ରର ବିକାଶ, ଅର୍ଥନୈତିକ ପରିଚାଳନାଗତ ଉନ୍ନତି ପାଇଁ ଲୋକାଭିମୁଖୀ ଏକ ମୁକ୍ତ ପ୍ରେସ୍ ସଂଗଠନ, ପରିଚାଳନା ଓ ପରିପାଳନ ଏହାରା ମୂଳ ଲକ୍ଷ୍ୟ ଥିଲା। ପ୍ରେସ୍ ସ୍ୱାଧୀନତା କହିଲେ କୌଣସି ହସ୍ତକ୍ଷେପ ନକରି ପ୍ରେସ୍, ନାଗରିକ ଏବଂ ଏ ସମ୍ପର୍କିତ ସଂଗଠନ ଗୁଡ଼ିକୁ କାର୍ଯ୍ୟ କରିବାକୁ ଦିଆଯିବାକୁ କୌଣସି ସରକାରଙ୍କ ପ୍ରତିଶ୍ରୁତିକୁ ବୁଝାଏ। ଏଥିରେ ଲୋକଙ୍କ ପାଇଁ ଖବର ସଂଗ୍ରହକାରୀ ସଂଗଠନ, ଖବର ସରବରାହ ସଂସ୍ଥା ମଧ୍ୟ ଅନ୍ତର୍ଭୁକ୍ତ। ବିଶ୍ୱର ବିଭିନ୍ନ ଦେଶରେ ସମ୍ବିଧାନରେ ପ୍ରେସ୍ ସ୍ୱାଧୀନତା ବିଷୟରେ ସ୍ପଷ୍ଟ ଉଲ୍ଲେଖ ହୋଇନାହିଁ। ସରକାର କେତେକ ଦସ୍ତାବିଜ ଗୁପ୍ତ, ଜାତୀୟ ସ୍ୱାର୍ଥବିରୋଧୀ କିମ୍ବା ସମ୍ବେଦନଶୀଳ ଭଳି କାରଣ ଦର୍ଶାଇ ବାରଣ କରିବାର ନଜିର ରହିଛି। ସମ୍ବିଧାନର କୌଣସି ସ୍ଥାନରେ ପ୍ରେସ୍ ଶବ୍ଦ ଉଲ୍ଲେଖ ହୋଇନାହିଁ। ସ୍ୱାଧୀନ ଭାଷଣ ଓ ମତପ୍ରକାଶ ପାଇଁ ଭାରତର ସମ୍ବିଧାନ ଧାରା ୧୯(୧)(କ)ରେ ଉଲ୍ଲେଖ ହୋଇଛି। ତବେ ମାନନୀକରଣ, ଅଦାଲତ ଅବମାନନାକାରୀ ତଥ୍ୟ, ସାର୍ବଭୌମତ୍ୱ, ସଂହତି, ନିରାପତ୍ତା ଓ ବନ୍ଧୁରାଷ୍ଟ୍ର ସହିତ ସମ୍ପର୍କରେ କ୍ଷତି ସୃଷ୍ଟିକାରୀ, ନୈତିକତା ବିହୀନ ଏବଂ ହିଂସା ସୃଷ୍ଟିକାରୀ ମତ ପ୍ରଦାନ କିମ୍ବା ପ୍ରକାଶନ ଉପରେ ଉପଧାରା (୨)ରେ ବାରଣ କରାଯାଇଛି। ୨୦୦୫ ମସିହାରେ ଭାରତର ସୂଚନା ଅଧିକାର ଆଇନ ଓ ୧୯୯୦ ମସିହାରେ ସ୍ୱତନ୍ତ୍ରୀକରଣ ଆରମ୍ଭ ହେବା ପରେ ଏବଂ ଅନେକ ଘରୋଇ ଗଣମାଧ୍ୟମ ସୃଷ୍ଟି ହେବା ପରଠାରୁ ଆପେ ଆପେ କିଛିଟି ପ୍ରେସ୍ ସ୍ୱାଧୀନତା ବୃଦ୍ଧି ପାଇଛି।



୨୦୦୩ ମସିହାରେ ଚଇନା ଦେଶର ସାର୍ସ ବେମାରୀ ମହାମାରୀ ରୂପେ ବ୍ୟାପୁଛି ବୋଲି ଏକ ଖବର ଛାପି ଗୁଆଙ୍ଗ ଝାଉଠାରେ ଜଣେ ବ୍ୟକ୍ତି ସରକାରଙ୍କ ଦ୍ୱାରା ଅଟକ ଥିବା ସମୟରେ ମୃତ୍ୟୁ ଘଟିଛି ବୋଲି ଗଣମାଧ୍ୟମରେ ପ୍ରକାଶ କରି ଚାଞ୍ଚଲ୍ୟ ଖୋଳଇଥିଲେ ହଙ୍ଗ୍। ସରକାରୀ କଳର ଅପପ୍ରୟୋଗ ଅଭିଯୋଗ ତଥା ସରକରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ହଙ୍ଗ୍ ସରକାରଙ୍କ କ୍ରୋଧର ଶିକାର ହେଲେ। ପାଞ୍ଚମାସ ଜେଲ୍ ଭୋଗିଲେ। କାରଣ ଚାଇନାରେ ଖବରକାଗଜ ଗୁଡ଼ିକର ମାଲିକ ହେଉଛନ୍ତି ଖୋଦ ସରକାର। ହଙ୍ଗ୍‌ଙ୍କ ୨ଜଣ ସହଯୋଗୀ ମଧ୍ୟ ଜେଲ୍ ଭୋଗିଲେ। କାହାରି ନାଲି ଆଖି ଓ ହାତକଡ଼ି ଭୟ ତାଙ୍କୁ ପ୍ରଭାବିତ କରିନଥିଲା। ମନୋବଳକୁ ଅତୁଟ ରଖି ହଙ୍ଗ୍ ଆଗକୁ ମାଡ଼ି ଚାଲିଥିଲେ। ଶେଷରେ ୨୫ ହଜାର ଡଲାର ଆନ୍ତର୍ଜାତିକ ପୁରସ୍କାର ଲାଭ କରି ହଙ୍ଗ୍ କହିଥିଲେ ସତ୍ୟର ବିଜୟ ଘଟିଛି। ୧୯୯୭ ପରଠାରୁ ବିଶ୍ୱର ଜଣେ ନିର୍ଭୀକ ସାମ୍ବାଦିକଙ୍କୁ ଏହି ପୁରସ୍କାର ଦିଆଯାଉଛି। ୨୦୦୫ ମେ' ୩ ତାରିଖ। ସେନିଗାଲର ରାଜଧାନୀ ଡ଼ାକରାଠାରେ ଗଣମାଧ୍ୟମ ଉତ୍ସବରେ ଚାଇନାର ସାମ୍ବାଦିକ ଚେଙ୍ଗ ୟିଜ୍ ହଙ୍ଗଙ୍କୁ ନିର୍ଭୀକ ସାମ୍ବାଦିକ ଭାବେ ୟୁନେସ୍କୋ (ୟୁନାଇଟେଡ୍ ନେସନ୍ସ ଏଜୁକେଶନାଲ ସାଇଣ୍ଟିଫିକ୍ ଆଣ୍ଡ କଲଚରାଲ ଅର୍ଗାନାଇଜେସନ)ର ଡାଇରେକ୍ଟର ଜେନେରାଲ କୋଇଚିରୋ ମାତସୁରା ପୁରସ୍କାର ପ୍ରଦାନ କରିଥିଲେ। ଚାଇନାରେ ଚାଲୁଥିବା ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାମ୍ବାଦିକତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ ଉକ୍ତ ୪୦ ବର୍ଷ ବୟସ୍କ ୟଙ୍ଗ। ଦକ୍ଷିଣ ଆମେରିକାରେ ସାମ୍ବାଦିକ ଗୁଲିରେ-ମୋ-କାମୋ କଲମ୍ବିଆରେ କାର୍ଯ୍ୟରତ ଥିଲେ। ସେଠାରେ ଚୋରା ମାଦକ ଦ୍ରବ୍ୟ ବ୍ୟବସାୟୀ ଏପରି ପ୍ରଭାବଶାଳୀ ଥିଲେ ଯେ, ସରକାରଙ୍କ ବିଚାର ବ୍ୟବସ୍ଥା ଓ ପୋଲିସ୍ ମଧ୍ୟ ସେମାନଙ୍କୁ ଭୟ କରୁଥିଲା। ସରକାରଙ୍କୁ କବ୍ଜା କରି ନେବାର ପ୍ରୟାସ ଆରମ୍ଭ କରିବା ମାତ୍ରେ କାମୋ ତାଙ୍କ ଖବରକାଗଜରେ ଉକ୍ତ ଖବର ପ୍ରଚାର ଓ ପ୍ରସାର କଲେ। ଶେଷରେ ଚୋରା ମାଦକଦ୍ରବ୍ୟ ବେପାରୀମାନେ ବିଚ୍ ରାସ୍ତାରେ ତାଙ୍କୁ ଗୁଳି କରି ହତ୍ୟା କଲେ। ସେହି ଦୁଃଖଦ ସ୍ମୃତିକୁ ମନେ ରଖିବା ପାଇଁ ୟୁନେସ୍କୋ ପକ୍ଷରୁ ମେ' ୩ ତାରିଖକୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା।

ୟୁନେସ୍କୋ ମତାନୁସାରେ ପ୍ରେସ୍ ସ୍ୱାଧୀନତା ଦିଗରେ ଉଦ୍ୟମକୁ ଉତ୍ସାହ ପ୍ରଦାନ, ବିଶ୍ୱର ପ୍ରେସ୍ ସ୍ୱାଧୀନତାର ସ୍ତର ମୂଲ୍ୟାୟନ, ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ, ପ୍ରେସ୍ ସ୍ୱାଧୀନତା ପ୍ରତି ସରକାରଙ୍କ ପ୍ରତିଶ୍ରୁତି ପରିପାଳନ, ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ସାହ ପ୍ରଦାନ, ନିର୍ଭୀକ ଭାବେ ଖବର ପରିବେଷଣ ତଥା ଜୀବନ ଦେଇଥିବା ସାମ୍ବାଦିକଙ୍କ ସ୍ମୃତି ଉଜ୍ଜୀବିତ କରିବା ଲାଗି ମେ' ୩ରେ ବିଶ୍ୱ ପ୍ରେସ୍ ଦିବସ ପାଳନ କରାଯାଉଛି।

୨୦୧୦ ମସିହାରେ ଭୁବନେଶ୍ୱରସ୍ଥିତ ସିଲିକନ ଇଞ୍ଜିନିୟରିଂ କଲେଜରେ ଖବର ସଂଗ୍ରହ ପାଇଁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଯେପରି ଆକ୍ରମଣରୁ ଆରମ୍ଭ କରି ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ବେଳେ ଯାଜପୁର ଜିଲ୍ଲାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆକ୍ରମଣ, ବଲେଶ୍ୱର ଜିଲ୍ଲା ନୀଳଗିରି ପୋଲିସ୍ ଦ୍ୱାରା ଗଣମାଧ୍ୟମ ପ୍ରତିନିଧିଙ୍କୁ ଚେନ କଡ଼ି ପକାଇ ବାନ୍ଧି ରଖିବା, ନଭେମ୍ବର ୨୦୦୨ରେ ଭୁବନେଶ୍ୱରଠାରେ ସାମ୍ବାଦିକଙ୍କ ଠାରୁ ବିଚ୍ ରାସ୍ତାରେ କ୍ୟାମେରା ଛଡ଼ାଇବା, ଡିସେମ୍ବର ୨୦୨୨ରେ ବାଲେଶ୍ୱର ବ୍ଲକ କର୍ତ୍ତୃପକ୍ଷ ଓ କର୍ମଚାରୀ ସରକାରୀ ଗାଡ଼ି ଅପବ୍ୟବହାର କରି ପିକ୍‌ନିକ୍ କରୁଥିବା ବେଳେ ଜନୈକ ସାମ୍ବାଦିକ ଫଟୋ ଉତ୍ତୋଳନ କରୁଥିବା ସମୟରେ ବାହାନଗା ବିଡ଼ିଓ ଓ କର୍ମଚାରୀଙ୍କ ଦ୍ୱାରା ଆକ୍ରମଣ କରିବା, ନବରଙ୍ଗପୁରଠାରେ ପୋଲିସ୍ ଦ୍ୱାରା ଜନୈକ ସାମ୍ବାଦିକଙ୍କୁ ଆକ୍ରମଣ, କରୋନା କାଳ ବ୍ୟତିରେକ ପରବର୍ତ୍ତୀ କାଳରେ ସାମ୍ବାଦିକଙ୍କୁ ଲୋକସେବା ଭବନକୁ ପ୍ରବେଶ ବାରଣ କରିବା ଇତ୍ୟାଦି ଘଟଣା ସମୂହ ପ୍ରେସ୍ ସ୍ୱାଧୀନତାରେ କୁଠାରଘାତ କରିଥିଲା।

ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରକଳ୍ପ ଜମି ଅଧିଗ୍ରହଣ ବେଆଇନ ବୋଲି ଲୋକମାନେ ଧରିବା ପରେ ବେଆଇନ କାର୍ଯ୍ୟରେ ସଂପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଗଣମାଧ୍ୟମ ଉପରେ ସରକାର ରାଗ ଶୁଝାଇବା ପାଇଁ ଉଦ୍ୟମ କରିଥିଲେ, ଯାହାକି ପ୍ରେସ୍ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରାଯିବାର ଚକ୍ରାନ୍ତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କେତେକ ସ୍ଥଳେ ବିଚାର ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଛି। ଏ ନେଇ ଖବର ପ୍ରସାରଣ ଦିଗରେ ମଧ୍ୟ ଅଙ୍କୁଶ ଲାଗିଛି। ଏ ନେଇ ୨୦୧୦ ମସିହାରେ ଏକ ନିର୍ଦ୍ଦିଷ୍ଟ ଖବର କାଗଜ ହିଁ ସ୍ୱର ଉତ୍ତୋଳନ କରିଛି। ଏ ନେଇ ୨୦୧୦ ମସିହାରେ ଏକ ଖବରକାଗଜ 'ଫାଶି ଦିଅ' ଶୀର୍ଷକ ସମ୍ପାଦକୀୟ ପ୍ରକାଶ କରି ପ୍ରେସ୍ ସ୍ୱାଧୀନତାର ରାସ୍ତା ଦେଖାଇଛି। ଗ୍ରାମାଞ୍ଚଳରେ ମଧ୍ୟ ସାମ୍ବାଦିକମାନେ ଅବାଧ ଓ ନିରପେକ୍ଷ ଖବର ସଂଗ୍ରହ କରୁଥିବା ବେଳେ ପୋଲିସ୍, ପ୍ରଶାସନ, ଟାଉଟର ଆଦିଙ୍କ ଆକ୍ରୋଶର ଶିକାର ହେଉଥିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ୨୦୧୦ ମସିହାରେ ମାଓବାଦୀଙ୍କ ସହିତ ସମ୍ପର୍କ ଥିବା ଅଭିଯୋଗ କରି ଗଜପତି ଜିଲ୍ଲା ମୋହନା ବ୍ଲକର ଲକ୍ଷ୍ମଣ ଚୌଧୁରୀଙ୍କୁ ପୋଲିସ୍ ଯେଉଁଭଳି ଭାବେ ଗିରଫ କଲା ତାହା ଏଠି ପ୍ରେସ୍ ସ୍ୱାଧୀନତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଅବସରରେ ବିଶ୍ୱର ୧୮୦ଟି ଦେଶକୁ ନେଇ 'ପ୍ରେସ୍ ଫ୍ରିଡମ୍ ଇନ୍‌ଡେକ୍ସ' ସର୍ଭେ କରି ତାଲିକା ପ୍ରସ୍ତୁତି ହୋଇ ଆସୁଛି। ୨୦୧୨ ମସିହା ଭାରତର ମୂଲ୍ୟାୟନ ସ୍ଥାନ ୧୩୧ ଥିବା ବେଳେ ୨୦୧୮ ମସିହାରେ ୧୩୮, ୨୦୧୯ ମସିହାରେ ୧୫୦, ୨୦୨୦ ମସିହାରେ ୧୪୨, ୨୦୨୧ ମସିହାରେ ୧୪୨, ୨୦୨୨ ମସିହାରେ ୧୫୦ତମ ସ୍ଥାନରେ ରହିଛି। ଆମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ଆମଠୁ ଅଧିକ ଫ୍ରିଡମ ପ୍ରଦାନ କରି ୧୪୬ ତମ ସ୍ଥାନ, ହଂକଂ ୧୪୮ତମ ସ୍ଥାନରେ ରହିଛି।

୨୦୧୮ ମସିହାରେ ଡେନମାର୍କ ୯ ନମ୍ବର ସ୍ଥାନରେ ଥିବାବେଳେ ୨୦୨୨ରେ ୨ ନମ୍ବର ସ୍ଥାନ ପାଇଛି। ସ୍ୱିଡେନ ୩ ନମ୍ବର ସ୍ଥାନ ପାଇଛି। ୨୦୧୮ରୁ ୨୦୨୨ ପର୍ଯ୍ୟନ୍ତ ନରୱେ ପ୍ରଥମ ସ୍ଥାନରେ ରହିଛି।

ଆମ ଦେଶରେ ୨୦୧୪ରୁ ୨୦୨୨ ମଧ୍ୟରେ ୪୦ରୁ ଅଧିକ ସାମ୍ବାଦିକ ନିହତ ହୋଇଥିବା ବେଳେ ୩ ଶହରୁ ଅଧିକ ସାମ୍ବାଦିକ ପ୍ରାଣଘାତି ଆକ୍ରମଣର ଶିକାର ହୋଇଥିବା ଜଣାଯାଇଛି। ୨୬ ମଇ, ୨୦୧୪ ଗଞ୍ଜାମ ଜିଲ୍ଲା ଖଲିକୋଟ ସାମ୍ବାଦିକ ତରୁଣ ଆଚାର୍ଯ୍ୟଙ୍କୁ ହତ୍ୟା କରାଯାଇଥିଲା। ସେହିପରି ବିଭିନ୍ନ ରାଜ୍ୟରେ ଏଭଳି ଘଟଣା ଦୃଶ୍ୟମାନ ହୋଇଛି। ସାମଗ୍ରିକ ଭାବେ ମିଡ଼ିଆ, ମିଡ଼ିଆ ପର୍ସନ ସଂଖ୍ୟା ବୃଦ୍ଧି ଘଟିଥିବା ବଳେ ଗତ ୧୦ ବର୍ଷ ମଧ୍ୟରେ ଆମ ଦେଶର ପ୍ରେସ୍ ସ୍ୱାଧୀନତା ସ୍ତର ଖସି ୧୩୮ରୁ ୧୫୦କୁ ଖସିଛି। ଯାହାକି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପ୍ରତି କୁଠାରଘାତ ହୋଇଛି।

ଖବର କାଗଜ ଶାନ୍ତିରେ ଶାଶ୍ୱତ ମନ୍ତ୍ର ଉଚ୍ଚାରଣ କରେ। ସାମ୍ବାଦିକ ବନ୍ଧୁତାର ହାତ ବଢାଏ। ଶୋଷଣ, ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉଠାଇ ମୁକ୍ତିକାମୀ ପ୍ରଗତିଶୀଳ ସମାଜ ଗଠନ କରିବାକୁ ଉଦ୍ୟମ କରେ। ରାଷ୍ଟ୍ରର ଯାବତୀୟ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଏ। ବିଭିନ୍ନ ଘଟଣାବଳୀ, ମତାମତର ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା, ଯୁକ୍ତିତର୍କକୁ ନିର୍ଭୀକ ଭାବେ ଉପସ୍ଥାପନ କରି ରାଷ୍ଟ୍ରର ସଂହତି, ଏକତା, ସଦ୍‌ଭାବ ପ୍ରତିଷ୍ଠାରେ ସହାୟକ ହୁଏ। ପ୍ରତିଭାର ଅନ୍ୱେଷଣ କରେ। ଶାସକ, ପ୍ରଶାସକଙ୍କ ଦୋଷ, ତ୍ରୁଟି, ଦୁର୍ବଳତା ଲୋକ ଲୋଚନକୁ ଆଣି ଜନସଚେତନତା ବଢାଏ। ନିର୍ଭୀକ ସଚ୍ଚୋଟ ସାମ୍ବାଦିକର ଜୀବନ ସଂଘର୍ଷପୂର୍ଣ୍ଣ। ଯାତ୍ରାପଥ କଣ୍ଟକିତ। ଏହା ସତ୍ତ୍ୱେ ରାଷ୍ଟ୍ରର ମଙ୍ଗଳ ସାଧନ ଏକମାତ୍ର ଲକ୍ଷ୍ୟ ତା'ର। ଖବରକାଗଜ ସମାଜର ଆଖି ଓ କାନ। ସାମ୍ବାଦିକତାର ହୃଦୟ। କାମଳ ସାମ୍ବାଦିକମାନେ ନିଶ୍ଚିତ ସମାଜର ଉପକାର ଅପେକ୍ଷା ଅନେକ ଅପକାର କରନ୍ତି। ମିଥ୍ୟା ଗୁଜବ ପ୍ରଚାର କରି ପାଣିରେ ନିଆଁ ଲଗାନ୍ତି। ସାମ୍ବାଦିକମାନେ ସତ୍ୟନିଷ୍ଠ ଦମନମୂଳକ ଶୋଷଣ ବିରୋଧି ଖବରକୁ ଅଗ୍ରାଧିକାର ଭିତ୍ତିରେ ପ୍ରକାଶ କରିବା ଉଚିତ। ଅନେକ ଅବହେଳିତ ଅନାଥ ଶିଶୁ ରାସ୍ତାଘାଟରେ ଗଡୁଛନ୍ତି। ଅନେକ ଅଭଦ୍ର ଲୋକ ଭଦ୍ରମୁଖା ପିନ୍ଧି ଚଇତନ ମାରି ସମାଜରେ ବିଷବଳୟ ସୃଷ୍ଟି କରୁଛନ୍ତି। ସେମାନଙ୍କ ବିରୋଧରେ ଲେଖନୀ ଉତ୍ତୋଳନ କରି ସାମ୍ବାଦିକମାନେ ଦୃଢଭାବେ ଠିଆହେବା ଉଚିତ। ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରିବା ସାମ୍ବାଦିକତାର ଧର୍ମ। ଅନ୍ୟର ଗୋଡାଣିଆ ହୋଇ ଖବର ପରିବେଷଣ ଏକ ଗର୍ହିତ ଅପରାଧ। ଦେଶର ହିତ ଓ ସମାଜ କଲ୍ୟାଣ ପାଇଁ ସାମ୍ବାଦିକ ସର୍ବଦା ଚଳଚଞ୍ଚଳ। ତେଣୁ ସାମ୍ବାଦିକର ସୁରକ୍ଷା ପାଇଁ ଗଣ ଓ ଗଣତନ୍ତ୍ର ଦାୟିତ୍ୱ ନେବା ଉଚିତ୍।

ସାମ୍ବାଦିକ ନିଃସ୍ୱାର୍ଥପର ଭାବେ ସମାଜରେ ଉନ୍ନତି ପରିକଳ୍ପେ କାର୍ଯ୍ୟ କରେ। କୃତଜ୍ଞ ସାମ୍ବାଦିକଙ୍କ ପ୍ରତି କେହି କୃତଘ୍ନ ଭଳି ବ୍ୟବହାର କରିବା ଅନୁଚିତ। ଅର୍ଥାତ ପ୍ରେସ୍ ସ୍ୱାଧୀନତା ନେଇ ସମସ୍ତ କ୍ଷେତ୍ରରେ ସକଳସ୍ତରରେ ସମସ୍ତେ ସହଯୋଗ କରିବା ଉଚିତ୍।

**ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)**
**ଜାତୀୟ ସମ୍ପାଦକ, ଭାରତୀୟ ସାମ୍ବାଦିକ ସଂଘ (ଆଇଜେୟୁ)**
**ଫୋନ୍-୯୪୩୭୦୬୪୯୯୭, ୭୭୫୧୦୧୧୬୫୫**

# ଶହୀଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ

**କାଳି ଦାସ**

ଶହୀଦ ଶୁଣିଲେ ଗର୍ବ ଲାଗେ, ଦେଶ ପାଇଁ ପ୍ରାଣବଳି ଦେଇଥିବା ବ୍ୟକ୍ତିଙ୍କ ପାଇଁ ମନରେ ସମ୍ମାନ ଜାଗେ କିନ୍ତୁ ଆତଙ୍କବାଦୀଙ୍କ ଚକ୍ରାନ୍ତରେ ଦେଶର ସୈନିକ ଶିକାର ହୋଇଛନ୍ତି ଏହା ଜାଣିଲେ ଦୁଃଖ ମଧ୍ୟ ଲାଗେ। ଭାରତ ବୀରଙ୍କର ମାଟି। ଏଇଠି ବୀର ମାନେ ଜନ୍ମ ମାଟି ପାଇଁ ଯୁଦ୍ଧ କରି ମୃତ୍ୟୁ ବରଣ କରିବାକୁ ଗୌରବର ବିଷୟ ବୋଲି ଭାବିଥାନ୍ତି। କିନ୍ତୁ ଛଳରେ ଯଦି ସେମାନଙ୍କ ମାରିଦିଆଯାଏ ତାହେଲେ କଣ କହିବା।

ଆତଙ୍କବାଦୀଙ୍କର କୌଣସି ଧର୍ମ ନାହିଁ କୌଣସି ବିଚାର ନାହିଁ। ତେଣୁ ଲୁଚି ଛପି ଆସି ସେମାନେ ପ୍ରହାର କରନ୍ତି। ନିରୀହ ଜନତାଙ୍କୁ ହତ୍ୟା କରିବା ପାଇଁ ମଧ୍ୟ ପଛ ଘୁଞ୍ଚା ଦିଅନ୍ତି ନାହିଁ।

ବିଗତ ଦିନରେ ଆମଦେଶରେ ଏମିତି ଦୁଇ ଦୁଇଟି ଘଟଣା ଘଟିଯାଇଛି ଯାହା ସମସ୍ତ ଭାରତୀୟଙ୍କ ପାଇଁ ଏକଚିନ୍ତାର ବିଷୟ ହୋଇଯାଇଛି।

ବିଗତ ଦିନ ଏପ୍ରେଲ୍ ୨୦ତାରିଖ ଅପରାହ୍ନରେ ଜାମ୍ମୁ କାଶ୍ମୀରର ପୁଞ୍ଚରେ ଭାରତୀୟ ଆର୍ମୀ ଜବାନଙ୍କ ଗାଡି ଉପରେ ଆତଙ୍କବାଦୀ ମାନେ ଗ୍ରାନାଇଡ ଦ୍ୱାରା ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସେନାବାହିନୀର ଗାଡିରେ ନିଆଁ ଲାଗି ଯାଇଥିଲା। ଏବଂ ଗାଡିରେ ବସିଥିବା ପାଞ୍ଚ ଜଣ ରାଷ୍ଟ୍ରୀୟ ରାଇଫଲର ଜବାନ ଶହୀଦ ହୋଇ ଯାଇଥିଲେ। ସେହି ପାଞ୍ଚ ଜଣଙ୍କ ମଧ୍ୟରେ ଜଣେ ଓଡିଆ ମଧ୍ୟ ଥିଲେ। ତାଙ୍କ ନାମ ହେଲା ଦେବାଶିଷ ବିଶ୍ୱାଳ। ଶହୀଦ ହୋଇଥିବା ପାଞ୍ଚ ଜବାନଙ୍କୁ ବିଭିନ୍ନ ସ୍କୁଲ ଓ କଲେଜ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦେଶ ଭକ୍ତଙ୍କ ବଳିଦାନ ଦେଖିବାକୁ ମିଳୁଛି।



୨୦୧୯ଫେବୃୟାରୀ ୧୪ତାରିଖରେ ଜାମ୍ମୁ ଓ ଶ୍ରୀନଗର ନେସନାଲ ହାଇୱେରେ ଭାରତୀୟ ସେନା ବାହିନୀର ଗାଡି ଗଲାବେଳେ ପୁଲଓ୍ୱାମାରେ ଆତ୍ମଘାତି ଆକ୍ରମଣର ଶିକାର ହୋଇଥିଲା ସେଥିରେ ଚାଳିଶି ଜଣ ଜବାନ ଶହୀଦ ହୋଇଥିଲେ।

ତାପର ଠାରୁ ଏମିତି ଛୋଟ ବଡ ଅନେକ ଘଟଣା ଘଟି ଚାଲିଛି। ଅନେକ ସାଧାରଣ ନାଗରୀକଙ୍କୁ ମଧ୍ୟ ଆତଙ୍କବାଦୀଙ୍କ ଆତଙ୍କର ଶିକାର ହେବାକୁ ପଡିଛି। ଯେଉଁ ଆତଙ୍କବାଦ ଆଜି ଆମର ଚିନ୍ତାର ବିଷୟ ହୋଇପଡିଛି ତାହା କେବେ ସମାପ୍ତ ହେବ କେଜାଣି।

୨୦୦୮ରେ ମୁମ୍ବେଇ ର ଅନେକ ସ୍ଥାନରେ ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ ହୋଇଥିଲା। ୧୦ ଜଣ ଆତଙ୍କବାଦୀ ପାକିସ୍ଥାନର ଆତଙ୍କବାଦୀ ସଂଗଠନ ଲସ୍କରେ-ଇ ତାଇବା ଦ୍ୱାରା ଟ୍ରେନିଂ ପାଇଁ ଭାରତର ସାଧାରଣ ଜନତାଙ୍କ ଉପରେ ଆକ୍ରମଣ କରିଥିଲେ। ରେଲଓ୍ୱେ ଷ୍ଟେସନ ଠାରୁ ଆରମ୍ଭ କରି ହୋଟେଲ ତାଜ, ହୋଟେଲ ଓବ୍ରେ ଯାଏଁ ସବୁଠି ନରସଂହାର କରିଚାଲିଲେ। ମୁମ୍ବେଇ ଇତିହାସର ସବୁଠାରୁ କଳାଦିନ ଥିଲା। ୯ ଜଣ ଆତାଙ୍କବାଦୀ ନିହତ ହେବା ସହ ୧୬୪ ଜଣଙ୍କ ସାଧାରଣ ଜନତାଙ୍କ ମୃତ୍ୟୁ ଘଟିଥିଲା।

ଆମର ପଡୋଶି ଦେଶ ପାକିସ୍ଥାନ ଭାରତ ପରି ଗୋଟିଏ ଶାନ୍ତି ପ୍ରିୟ ଦେଶକୁ ଆଶାନ୍ତ କରିବା ପାଇଁ ସବୁବେଳେ ଚକ୍ରାନ୍ତ ଚଳାଇଛି। ବର୍ତ୍ତମାନ ପାକିସ୍ଥାନର ଖାଦ୍ୟ ଅଭାବ ଆମ ପାଇଁ ଆଉ ଗୋଟିଏ ଚିନ୍ତାର ବିଷୟ। ଭୋକିଲା ମଣିଷ କଳେ ବଳେ କୌଶଳେ ଭାରତ ଭିତରେ ପଶିବା ପାଇଁ ଚାହିଁବେ। ବର୍ତ୍ତମାନ ଭାରତରେ ଜନ ସଂଖ୍ୟା ଚୀନ ଠାରୁ ବେଶି ହୋଇଗଲାଣି। ତାପରେ ଦୁର୍ଦ୍ଧାନ୍ତ ଅଭାବ ଗ୍ରସ୍ତ ପଡୋଶିକୁ କିପରି ମୁକାବିଲା କରାଯିବ ତାହା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଏହି ଆତଙ୍କବାଦୀ ଆକ୍ରମଣ ଭାରତୀୟ ଇଣ୍ଟେଲିଜେନସ ବା ଗୋଇନ୍ଦା ସଂସ୍ଥାର ଆପାରଗତା ବୋଲି ମାନିବାକୁ ହେବ।

ଆତାଙ୍କବାଦୀ ଆକ୍ରମଣର ଅଳ୍ପଦିନ ଭିତରେ ମାଓବାଦୀଙ୍କ ଆକ୍ରମଣ ସାମ୍ନାକୁ ଆସିଲା। ଛତିଶଗଡର ଦାନ୍ତେୱାଡେରେ ମାଓବାଦୀଙ୍କ ଆକ୍ରମଣରେ ଦଶଜଣ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ପୋଲିସ ପ୍ରାଣ ହରାଇଲେ ଏବଂ ସେମାନଙ୍କ ସହିତ ସେମାନଙ୍କ ଡ୍ରାଇଭର ମଧ୍ୟ ପ୍ରାଣ ହରାଇଛି। ମାଓବାଦୀଙ୍କ ଦ୍ୱାରା ୫୦ କେଜି ବିସ୍ଫୋରକ ରଖାଯାଇଥିଲା ଏବଂ ଯାହାର ବିସ୍ଫୋରଣରେ ରାସ୍ତା ଉପରେ ବିରାଟ ଗାର୍ତ୍ତ ହେବା ସଙ୍ଗେ ସଙ୍ଗେ ବଡ ବଡ ଗଛ ମଧ୍ୟ ଉପୁଡି ଯାଇଥିଲା।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏତେ ସବୁ ବିସ୍ଫୋରକ ମାଓବାଦୀଙ୍କ ପାଖକୁ ଆସୁଛି କେମିତି ? କେଉଁଠି ଆମର ଭୁଲ ହେଉଛି ? ଯେଉଁଥି ପାଇଁ ଏମିତି ଘଟଣା ଘଟି ଚାଲିଛି। ଗତ ଅନେକ ଦିନ ହେଲା ମାଓବାଦୀଙ୍କ ଆକ୍ରମଣ ଜନିତ ଘଟଣା ଘଟିନଥିଲା। ମାଓବାଦୀ ମାନେ ଆତ୍ମସମର୍ପଣ କରି ସାଧାରଣ ଜୀବନ ଯାପନ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏହି ଘଟଣା ପୁଣିଥରେ ଆମକୁ ଭାବିବା ପାଇଁ ବାଧ କରୁଛି ଯେ ମାଓବାଦୀ ସମସ୍ୟା ଆଜି ମଧ୍ୟ ରହିଛି।

ଆମର ସରକାର ଓ ପ୍ରଶାସନ ଯଦି ଏହି ସମସ୍ୟାରୁ ଚିରନ୍ତନ ମୁକ୍ତି ପାଇଁ କିଛି ଉଦ୍ୟମ କରନ୍ତି ତାହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ।

**ବ୍ରହ୍ମପୁର,**
**ଖୋଡ଼ାସିଙ୍ଗ କଳିଙ୍ଗନଗର ,**
**ଫୋନ ନମ୍ବର - ୭୨୦୫୧୦୦୮୩୯**

# ବିବାଦୀୟ ଟ୍ୱିଟ୍ ପରେ କ୍ଷମା ଯାଚନା କଲା ୟୁକ୍ରେନ




କିଭ ୨।୫ (ଏଜେନ୍ସି) : ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରାଳୟଙ୍କ ଏକ ବିବାଦୀୟ ଟ୍ୱିଟ୍ କୁ ନେଇ କ୍ଷମାଭିକ୍ଷା କରିଛି । ଯେଉଁଥିରେ ବିସ୍ଫୋରଣ ପରେ ଉଠୁଥିବା ଧୂମକୁଣ୍ଡଳୀରେ ହିନ୍ଦୁ ଧର୍ମର ଦେବୀ କାଳିଙ୍କ ଛବି ପ୍ରଦର୍ଶିତ କରାଯାଇଥିଲା । ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ଏହି ଟ୍ୱିଟ୍କୁ ଭାରତରେ ତୀବ୍ର ବିରୋଧ କରାଯାଇଥିଲା । ଭାରତୀୟମାନେ ସୋସିଆଲ ମିଡିଆରେ ଏ ନେଇ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ । ଏଣୁ ମନ୍ତ୍ରାଳୟ ମାତ୍ର କିଛି ଘଣ୍ଟାରେ ପୋଷ୍ଟକୁ ହଟାଇ ଦେଇଥିଲା । ଗତମାସରେ ଭାରତ ଗସ୍ତ କରିଥିବା ୟୁକ୍ରେନ ମନ୍ତ୍ରୀ ଋଷିଆ ଯୁଦ୍ଧ ବିରୋଧରେ ଭାରତର ସମର୍ଥନ ଭିକ୍ଷା କରିଥିଲେ । କହିଥିଲେ ୟୁକ୍ରେନ ଓ ଏହାର ଲୋକେ ଭାରତୀୟ ସଂସ୍କୃତିକ ସମ୍ମାନ କରନ୍ତି । ଏଥିରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ ଭାରତୀୟଙ୍କୁ ବ୍ୟଥିତ କରିଛି । ଏଥିରେ ୟୁକ୍ରେନ ବିଦେଶ ମାମଲା ଉପମନ୍ତ୍ରୀ ଏମିନ୍ ଡେଜେପର ଏକ ଟ୍ୱିଟ୍ କରିଛନ୍ତି । ଏଥିରେ ହିନ୍ଦୁ ଦେବୀ ମା କାଳିଙ୍କ ଛବିକୁ ବିକୃତ କରି ପ୍ରତିରକ୍ଷା ବିଭାଗ ପୋଷ୍ଟ କରିଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ୟୁକ୍ରେନ ଓ ଏହାର ଲୋକେ ଅଦ୍ୱିତୀୟ ଭାରତୀୟ ସଂସ୍କୃତିକୁ ସମ୍ମାନ କରନ୍ତି ଓ ଭାରତର ସମର୍ଥନକୁ ଉଚ୍ଚ ପ୍ରଶଂସା କରନ୍ତି । ଫଟୋକୁ ପୂର୍ବରୁ ହଟାଇ ଦିଆଯାଇଛି । ୟୁକ୍ରେନ ପାରସ୍ପରିକ ସମ୍ମାନ ଓ ମିତ୍ରତା ଭାବନାରେ ସହଯୋଗକୁ ବଢାଇବା ପାଇଁ ଦୃଢ ସଂକଳ୍ପ ବୋଲି ଉଲ୍ଲେଖ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଏପ୍ରିଲ ୩୦ ତାରିଖ ଦିନ ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରାଳୟ 'ୱାର୍କ ଅଫ ଆର୍ଟ' କ୍ୟାପସନରେ ଏକ ଟ୍ୱିଟ୍ କରିଥିଲା । ଯେଉଁଥିରେ ୟୁକ୍ରେନୀୟ କଳାକାର ମ୍ୟାକ୍ସିମ ପଲେଙ୍କୋଙ୍କ ଦ୍ୱାରା ଅଙ୍କିତ ଏକ ବିସ୍ଫୋରଣର ଛବି ସେୟାର କରାଯାଇଥିଲା । ଏହି ଛବିରେ ବିସ୍ଫୋରଣର ଧୂମ କୁଣ୍ଡଳି ମଧ୍ୟରେ ପ୍ରଶିଦ୍ଧ ଆମେରିକୀୟ ଅଭିନେତ୍ରୀ ମାର୍ଲିନ ମୁନରୋଙ୍କ 'ଫ୍ଲାଇଂ ସ୍କର୍ଟ' ପୋଜରେ ହିନ୍ଦୁ ଦେବୀ ମା କାଳୀଙ୍କ ଭଳି ଦେଖାଯାଉଥିବା ମହିଳାଙ୍କୁ ଚିତ୍ରିତ କରାଯାଇଥିଲା । ତେବେ ସମାଲୋଚନା ପରେ ୟୁକ୍ରେନ ରକ୍ଷା ମନ୍ତ୍ରାଳୟ ଏହି ପୋଷ୍ଟଟିକୁ ହଟାଇ ଦେଇଥିଲା । ଟ୍ୱିଟରରୁ ପୋଷ୍ଟ ହଟିବା ସ□ଣ୍ଟସ୍କ୍ରିନସଟ୍ ଭାରତରେ ଭାଇରାଲ ହୋଇଯାଇଛି । ଯାହାକୁ ବେଶ୍ ସମାଲୋଚନା କରାଯାଉଛି ।

# ଛତିଶଗଡ଼ରେ ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟଙ୍କ ସ୍ଥିତି ଅନୁଧ୍ୟାନ

ଝାରସୁଗୁଡ଼ା/ସମ୍ବଲପୁର ୨।୫ (ଏଜେନ୍ସି) : ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡରେ ଟ୍ରିବ୍ୟୁନାଲ୍ ତାର ଦ୍ୱିତୀୟ ପର୍ଯ୍ୟାୟ ଅନୁଧ୍ୟାନ ଜାରି ରଖିଛି । ୪ ଦିନିଆ ଗସ୍ତର ପ୍ରଥମ ଦିନରେ ଏହି ଟିମ୍ ବଙ୍ଗୋ ଡ୍ୟାମ ସହ କୁମ୍ଭାରୀ ଡ୍ୟାମ, ହରଡି-୨ ଆନିକଟ, ସୀଓରିନାରାୟଣ ବ୍ୟାରେଜ, ତଲ ଦେଉରୀ ଆନିକଟ ଗସ୍ତ କରିଛନ୍ତି । ଯାହାକୁ ନେଇ ଛତିଶଗଡ ଛାତିରେ ପଶିଛି ଛନକା । ତେବେ ମିଛ ଧରାପଡିବା ଭୟରେ ଟ୍ରିବ୍ୟୁନାଲ କଲମା ପହଞ୍ଚିବା ପୂର୍ବରୁ ୧୪ଟି ଗେଟ ବନ୍ଦ କରି ଗୋଟିଏ ଗେଟ୍ ଖୋଲା ରଖିଛି । ଆଜି ଏହି ଟିମ୍ ବିବାଦୀୟ କଲମା ବ୍ୟାରେଜ ଗସ୍ତ କରିବେ ଯ କଲମା ବ୍ୟାରେଜ୍ ଯୋଗୁ ମହାନଦୀ ଜଳସ୍ତରରେ କଣ ପ୍ରଭାବ ପଡୁଛି ତାକୁ ଅନୁଧ୍ୟାନ କରିବେ । ଆସନ୍ତାକାଲି ବିବାଦୀୟ କେଲୋ ଡ୍ୟାମ୍ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି । ଟ୍ରିବ୍ୟୁନାଲ ଗସ୍ତ ପରଠାରୁ ମହାନଦୀ ଜଳ ବିବାଦ ପ୍ରସଙ୍ଗ ଚର୍ଚ୍ଚାର ପରିଧି ଭିତରକୁ ଆସିଛି ଖାସ କରି ଟ୍ରିବ୍ୟୁନାଲ ୫ ବର୍ଷ ପରେ ଏହା ପ୍ରଥମ କ୍ଷେତ୍ର ପରିଦର୍ଶନ ହୋଇଥିବାବେଳେ



ଏହା ଉପରେ କେନ୍ଦ୍ର ତଥା ଉଭୟ ରାଜ୍ୟର ନଜର ରହିଛି । ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଓଡିଶାରେ ଅନୁଧ୍ୟାନ କରିବ ଟ୍ରିବ୍ୟୁନାଲ ।

# ଚିତ୍ରଦୁର୍ଗରେ ବିରୋଧୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ୍



ବେଙ୍ଗାଲୁରୁ, ୨।୫ (ଏଜେନ୍ସି) : ମେ' ୧୦ ତାରିଖରେ କର୍ଣ୍ଣାଟକ ନିର୍ବାଚନ । ମତଦାନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳ ମାନଙ୍କର ଚାଲିଛି ଜୋରଦାର କ୍ୟାମ୍ପେନ । ନିର୍ବାଚନୀ ରାଲିରେ ପ୍ରତିଶ୍ରୁତି ବାଣ୍ଟୁଛନ୍ତି ନେତା । ଗଡ଼ ଜିତିବାକୁ କର୍ଣ୍ଣାଟକ ରଣକ୍ଷେତ୍ରରେ ଝାଳ ଗଡ଼ାଉଛନ୍ତି ହେଭିୱେଟ୍ ନେତା । ମଙ୍ଗଳବାର ପ୍ରଧାନମନ୍ତ୍ରୀ ଚିତ୍ରଦୁର୍ଗ ଜିଲ୍ଲାରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି । ସ୍ୱାଧୀନତାର ଅମୃତକାଳରେ ଏହା କର୍ଣ୍ଣାଟକର ଏହା ପ୍ରଥମ ନିର୍ବାଚନ ବୋଲି ନରେନ୍ଦ୍ର ମୋଦି କହିଛନ୍ତି । ବିଧାନସଭା ନିର୍ବାଚନ ଆଗାମୀ ୨୫ ବର୍ଷ କର୍ଣ୍ଣାଟକ ବିକାଶର ନକ୍ସା ଆଙ୍କିବ । କର୍ଣ୍ଣାଟକରେ ବିଜେପି ବିକଶିତ ଭାରତର ଡ୍ରାଇଭିଂ ଫୋର୍ସ ଏବଂ ଗ୍ରୋଥ୍ ଇଞ୍ଜିନ ତିଆରି କରାଯିବ । ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ବିକାଶର ଚିତ୍ର ଆଙ୍କିବ ବୋଲି ମୋଦି କହିଛନ୍ତି । ନିର୍ବାଚନୀ ସଭାରେ କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି ପ୍ରଧାନମନ୍ତ୍ରୀ । କଂଗ୍ରେସ ଇତିହାସ ଆତଙ୍କ ଓ ଆତଙ୍କବାଦୀଙ୍କ ତୃଷ୍ଟିକରଣ ନେଇ ଲିପିବଦ୍ଧ । ଯେତେବେଳେ ଦିଲ୍ଲୀ ବାଟଲା ହାଉସରେ ଏନକାଉଣ୍ଟର ହୋଇଥିଲା, ସେତେବେଳେ ଆତଙ୍କବାଦୀ ନିହତକୁ ନେଇ କଂଗ୍ରେସର ଜଣେ ବଡ଼ ନେତା ଲୁହ ଗଡ଼ାଇଥିଲେ । ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାରଷ୍ଟ୍ରାଇକ୍ ପରେ କଂଗ୍ରେସ ନେତା ସୁରକ୍ଷାବଳର ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ । କଂଗ୍ରେସ ନିଜର ପ୍ରତିଶ୍ରୁତି ହରାଇ ସାରିଛି । କଂଗ୍ରେସ ବିଶ୍ୱସନୀୟତା ହରାଇଛି । କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ସବୁ ମିଛ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କଂଗ୍ରେସ ଓ ଅଞ୍ଚଳିକ ଦଳ ଜେଡିଏସ ଠାରୁ ସାବଧାନ ରହିବାକୁ କର୍ଣ୍ଣାଟକ ଲୋକଙ୍କୁ କହିଛନ୍ତି ମୋଦି । କଂଗ୍ରେସ ଓ ଜେଡିଏସ କେବଳ ଦେଖେଇ ହେବାକୁ ଦୁଇ ଦଳ ମାତ୍ର ଏମାନଙ୍କ ବିଚାରଧାନ ଏକ । ପରିବାରବାଦ ଏହି ଦଳରେ ଭରି ଭରି ରହିଛି । ଦେଶରେ ଭ୍ରଷ୍ଟାଚାରକୁ ଏହି ଦୁଇ ଦଳ ପ୍ରଶ୍ରୟ ଦେଉଛନ୍ତି । ସମାଜକୁ ବାଣ୍ଟିବାର ରାଜନୀତି କରୁଛନ୍ତି । ଏମାନେ କର୍ଣ୍ଣାଟକର ବିକାଶ ଚାହୁଁନାହାଁନ୍ତି ବୋଲି ପିଏମ୍ ଦେଶର ସବୁଠାରୁ ପୁରୁଣା ଦଳକୁ ଟାର୍ଗେଟ୍ କରି କହିଛନ୍ତି । ପିଏମ୍ ମୋଦି ବିଜେପିର ଇସ୍ତାହାରକୁ ପ୍ରଶଂସା କରିଛନ୍ତି । ମେନିଫେଷ୍ଟୋରେ କର୍ଣ୍ଣାଟକର ବିକାଶ ମ୍ୟାପ୍ ରହିଛି । ଏଥିରେ ଆଧୁନିକ ଇନଫ୍ରାଷ୍ଟ୍ରକ୍ଚର ରହିଛି । ମହିଳାଙ୍କୁ ସଶକ୍ତିକରଣ କରିବାରେ ବିଶେଷ ଧ୍ୟାନ ଦିଆଯାଇଛି ।

# ସମଲିଙ୍ଗୀ ବିବାହକୁ ନେଇ କଙ୍ଗନାଙ୍କ ପ୍ରତିକ୍ରିୟା

*ନୂଆଦିଲ୍ଲୀ, ୨/୫ (ଏଜେନ୍ସି) : ସମଲିଙ୍ଗୀ ବିବାହକୁ ସମର୍ଥନ ଏବେ ଦେଶରେ ଏକ ବଡ଼ ପ୍ରସଙ୍ଗ ଭାବରେ ହୋଇଛି । ସୁପ୍ରିମକୋର୍ଟର ଏହି ପ୍ରସଙ୍ଗ ବିଚାରାଧୀନ ରହିଛି । ଏବେ ଏହି ପ୍ରସଙ୍ଗରେ ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ ପ୍ରତିକ୍ରିୟା ରଖିଛନ୍ତି । ହରିଦ୍ୱାର ଗସ୍ତରେ ଥିବା କଙ୍ଗାନା ସୋମବାର ସମଲିଙ୍ଗୀ ବିବାହ ଉପରେ ସାମ୍ବାଦିକ ପ୍ରଶ୍ନର ଉତ୍ତର ରଖିଛନ୍ତି । ଆଉ ତାଙ୍କର ପ୍ରତିକ୍ରିୟାକୁ ସୋସିଆଲ ମିଡିଆ ୟୁଜର୍ସ ପସନ୍ଦ କରିବା ସହ କଙ୍ଗନାଙ୍କ ପ୍ରଶଂସା କରୁଛନ୍ତି । କଙ୍ଗନା ମିଡିଆ ସହ କଥାବାର୍ତ୍ତା ସମୟରେ କହିଛନ୍ତି, ''ଆମେ ସମସ୍ତେ ଜାଣନ୍ତି ବିବାହ ହୃଦୟର ସମ୍ପର୍କ ହୋଇଥାଏ । ଯଦି ହୃଦୟ ଏକ ହେଉଛନ୍ତି ତେବେ ଆମେ ଆଉ ଆପଣ କ'ଣ କହିପାରିବା ।'' କଙ୍ଗନାଙ୍କ ଏହି ବୟାନ ଉପରେ ପ୍ରତିକ୍ରିୟା ରଖି ଜଣେ ୟୁଜର କହିଛନ୍ତି ''ସମଲିଙ୍ଗୀ ବିବାହ ଉପରେ ଖୋଲାଖୋଲି ଭାବରେ ସମର୍ଥନ କରୁଥିବା ଏକମାତ୍ର ବଲିଉଡ ଅଭିନେତ୍ରୀ ।'' ସେହିପରି ଆଉ ଜଣେ ୟୁଜର ଲେଖିଛନ୍ତି ''ଏଲଜିବିଟିକ୍ୟୁ+ ଉପରେ ଫିଲ୍ମ ତିଆରି କରି ଅନେକ ଚର୍ଚ୍ଚା ସାଉଁଟିଛନ୍ତି କିନ୍ତୁ ସେମାନେ ଏହି ପ୍ରସଙ୍ଗରେ ମଧ୍ୟ ଚୁପ୍‌ ୟ କେବଳ କଙ୍ଗନାଙ୍କ ପାଖରେ ଏତିକି ସାହସ ଅଛି ଯେ ସେ ଖୋଲାଖୋଲି ଭାବରେ ଏହି ବିଷୟରେ କହିପାରୁଛନ୍ତି । ସମଲିଙ୍ଗୀ ସମ୍ପର୍କର ସମର୍ଥନ କରିପାରନ୍ତି ।''*

# ଅଗ୍ନିକାଣ୍ଡରେ ଜୀବନ୍ତ ଜଳିଗଲେ ୪ ଶିଶୁ

ପାଟନା, ୨।୫ (ଏଜେନ୍ସି) : ବିହାର ମୁଜାଫରପୁରରେ ଅଭାବନୀୟ ଘଟଣା । ବିଳମ୍ବିତ ରାତିରେ ଭୀଷଣ ଅଗ୍ନିକାଣ୍ଡରେ ଚାଲିଗଲା ୪ଶିଶୁଙ୍କ ଜୀବନ । ଏହି ଅଗ୍ନିକାଣ୍ଡରେ ୬ରୁ ଅଧିକ ଲୋକ ଆହତ ହୋଇଛନ୍ତି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ସୂଚନା ଅନୁଯାୟୀ, ମୁଜାଫରପୁର ସଦର ଥାନା କ୍ଷେତ୍ରର ରାମଦୟାଲୁ ଷ୍ଟେସନ ନିକଟରେ ଏହି ଅଗ୍ନିକାଣ୍ଡ ଭୟାବହ ଦେଖିବାକୁ ମିଳିଛି । ରାତି ପ୍ରାୟ ୧ଟା ବେଳେ ଏକ ବସ୍ତି ଘରୁ ନିଆଁ ଲାଗିଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ୪ଜଣ ଛୋଟ ପିଲା ଜୀବନ୍ତ ଜଳିଯାଇଛନ୍ତି । ସେହିପରି ଅଧା ଡଜନରୁ ଅଧିକ ଲୋକ ଭୀଷଣ ନିଆଁରେ ଆହତ ହୋଇଛନ୍ତି । ଲୋକମାନେ ଶୋଇଥିବା ସମୟରେ ନିଆଁ ଲାଗିଥିଲା । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଏହା ପୂର୍ବରୁ ବିହାର ଦରଭଙ୍ଗାର ଜିଲ୍ଲା ମେଡିକାଲ କଲେଜରେ ଏବଂ ହସ୍ପିଟାଲରୁ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଥିଲା । ହସ୍ପିଟାଲର ମେଡିସିନ୍ ୱାର୍ଡରେ ସଟସର୍କିଟ୍ ଯୋଗୁ ନିଆଁ ଲାଗିଯାଇଥିଲା । ପରେ ମେଡ଼ିକାଲ ପରିସରରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ଦୌଡ଼ା ଦୌଡ଼ି କରିଥିଲେ । ଅଗ୍ନିଶମ ବାହୀନ ଘଟଣାସ୍ଥଳରେ ନିଆଁକୁ ଆୟତ୍ତ କରିଥିଲା । ଏହି ଘଟଣାରେ କୌଣସି ଜୀବନ ଯାଇନାହିଁ ।

## ଅଶୋଧିତ ପେଟ୍ରୋଲିୟମ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ କଲେ ସରକାର

*ନୂଆଦିଲ୍ଲୀ, ୨/୫ (ଏଜେନ୍ସି) : ଅଶୋଧିତ ପେଟ୍ରୋଲିୟମ ଉପରେ ଲାଗୁଥିବା ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ୍ କରିଛନ୍ତି କେନ୍ଦ୍ର ସରକାରୟ ସରକାର ଏହି ୱିଣ୍ଡଫଲ୍ ଟ୍ୟାକ୍ସକୁ ପ୍ରତି ଟନ୍ ପିଛା ୪୧୦୦ ଟଙ୍କାକୁ ହ୍ରାସ କରିଛନ୍ତି । ଯାହାକି ପୂର୍ବରୁ ୬୪୦୦ ଟଙ୍କା ପ୍ରତି ଟନ୍ ରହିଥିଲା । ଏହି ନୂଆ ଦର ମଙ୍ଗଳବାର ଲାଗୁ ହୋଇଛି । ସେହିପରି ପେଟ୍ରୋଲ-ଡିଜେଲ୍ ଏବଂ ଆଭିଏସନ ଟରବାଇନ ଇନ୍ଧନ (ଇଟିଏଫ) ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ଶୂନ୍ୟ ରଖାଯାଇଛି । ଅର୍ଥାତ୍ ଏହି ପେଟ୍ରୋଲିୟମ୍ ଉତ୍ପାଦ ଉପରେ କୌଣସି ୱିଣ୍ଡଫଲ୍ ଟ୍ୟାକ୍ସ ଲାଗୁ ହେବନାହିଁ । ପ୍ରକୃତରେ ବେସରକାରୀ ବିଶୋଧନଗାରମାନେ ଅନ୍ତର୍ଜାତୀୟ ବଜାରରେ ବିକି ଏହି ପେଟ୍ରୋଲିୟମ ଉତ୍ପାଦ ଉପରେ ଅଧିକ ଲାଭ କମାଉଥିଲେ ଏବଂ ଘରୋଇ ବଜାର ପରିବର୍ତ୍ତେ ସେଠାରେ ବିକିବାକୁ ଚାହୁଁଥିଲେ, ଯାହାକୁ କମ୍ କରିବା ପାଇଁ ସରକାର ୱିଣ୍ଡଫଲ୍ ଟ୍ୟାକ୍ସ ଲଗାଯାଇଛି । ଭାରତରେ ଜୁଲାଇ ୨୦୨୨ରେ ପ୍ରଥମ ଥର ୱିଣ୍ଡଫଲ୍ ଟ୍ୟାକ୍ସ ଲଗାଯାଇଥିଲା ଏବଂ ଏହି କ୍ରୁଡ୍ ଅଏଲ ଉତ୍ପାଦକଙ୍କ ଉପରେ ଏଥିପାଇଁ ଲଗାଯାଇଥିଲା ଫଳରେ ଗ୍ୟାସୋଲିନ୍, ଡିଜେଲ୍ ଏବଂ ଆଭିଏସନ ଟରବାଇନ ଇନ୍ଧନକୁ ଦେଶରୁ ବାହାର ବିକିବା ପରେ ମିଳୁଥିବା ଲାଭ ଆଦାୟ କରାଯାଇପାରିବ ।*

# ତିହାଡ଼ ଜେଲରେ ଗୋଷ୍ଠୀ ସଂଘର୍ଷ; ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିଆରକୁ ହତ୍ୟା



ନୂଆଦିଲ୍ଲୀ, ୨।୫ (ଏଜେନ୍ସି) : ତିହାଡ଼ ସେଣ୍ଟ୍ରାଲ ଜେଲରେ ଗ୍ୟାଙ୍ଗୱାର । କଏଦୀଙ୍କ ମଧ୍ୟରେ ସଂଘର୍ଷ ଲାଗି ଜଣେ କଏଦୀର ମୃତ୍ୟୁ ହୋଇଛି । ଗ୍ୟାଙ୍ଗୱାରରେ ଗ୍ୟାଙ୍ଗଷ୍ଟର ଟିଲ୍ଲୁ ତାଜପୁରିଆର ହତ୍ୟା ହୋଇଥିବା ସୂଚନା ମିଳିଛି । ଏହି ଘଟଣା ଏବେ ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପୋଲିସ ମାମଲାର ଯାଞ୍ଚ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ତିହାଡ ଜେଲ୍ ମଧ୍ୟରେ ଦୁଇ କଏଦୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା । ଏହି ସମୟରେ ଗ୍ୟାଙ୍ଗଷ୍ଟର ଟିଲ୍ଲୁ ଉପରେ ମରାଣାତ୍ମକ ଆକ୍ରମଣ କରିଥିଲେ ସାଥି କଏଦୀ । ପରେ ଜେଲ୍ ପ୍ରଶାସନ ଟିଲ୍ଲୁକୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ସମୟରେ ଗ୍ୟାଙ୍ଗଷ୍ଟରର ମୃତ୍ୟୁ ହୋଇଛି । ଜେଲ୍ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସେଲ୍ ନମ୍ବର ୮ରେ ଥିବା ଯୋଗେଶ ଟୁଣ୍ଡା ନାମକ ଏକ କଏଦୀ ଲୁଗା ଗ୍ରୀଲ୍ ଧରି ୮ ନମ୍ବର ସେଲରେ ଥିବା ଟିଲ୍ଲୁ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଏହି ହମଲାରେ ଟିଲ୍ଲୁ ଗମ୍ଭୀର ଭାବେ ଆହତ ହୋଇଥିଲା । ପରେ ମେଡିକାଲରେ ତା'ର ମୃତ୍ୟୁ ହୋଇଛି । ପୋଲିସ ଘଟଣାର ଯାଞ୍ଚ କରୁଛି । ଟିଲ୍ଲୁ ତାଜପୁରୀଆ ୨୦୨୧ ସେପ୍ଟମ୍ବର ୨୪ ତାରିଖରେ ଦିଲ୍ଲୀ ରୋହଣୀ କୋର୍ଟରେ ହୋଇଥିବା ସୁଟଆଉଟ୍ ମାମଲାର ମଷ୍ଟରମାଇଣ୍ଡ ଥିଲା । କୋର୍ଟରେ ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ତ୍ୟାଗିକୁ ହତ୍ୟା କରିବା ପାଇଁ ଟିଲ୍ଲୁ ୨ଜଣ ସୁଟରଙ୍କୁ ଟ୍ରେନିଂ ଦେଇଥିଲା । ଏହି ମାମଲାରେ କୋର୍ଟ ଟିଲ୍ଲୁକୁ ଦୋଷୀ ସାବ୍ୟସ୍ତ କରି ଜେଲ୍ ପଠାଇଥିଲେ ।

# ସାଉଥର ଫେମସ୍ କୋରିଓଗ୍ରାଫର ଚୈତନ୍ୟଙ୍କ ଆତ୍ମହତ୍ୟା



ମୁମ୍ବାଇ ୧।୫ (ଏଜେନ୍ସି) : ତେଲୁଗୁ କୋରିଓଗ୍ରାଫର ଚୈତନ୍ୟ । ୩୦ ଏପ୍ରିଲ ଅର୍ଥା ରବିବାର ଦିନ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । କୁହାଯାଉଛି ଯେ ଚୈତନ୍ୟ ତାଙ୍କ ଲୋନ୍ର ସୁଜି ପାରିନଥିଲେ ଏବଂ ଏଥିପାଇଁ ଚିନ୍ତାରେ ଆସି ସେ ଆନ୍ଧ୍ରପ୍ରଦେଶର ନେଲୋରରେ ଫାଶୀ ଦେଇଥିଲେ । ଲୋକପ୍ରିୟ ତେଲୁଗୁ ଡ୍ୟାନ୍ସ ଶୋ ' ରେ କୋରିଓଗ୍ରାଫର ଚୈତନ୍ୟଙ୍କୁ ଦେଖିବାକୁ ମିଳିଥିଲା । ରିପୋର୍ଟ ଅନୁଯାୟୀ, ଆତ୍ମହତ୍ୟା କରିବା ପୂର୍ବରୁ ଚୈତନ୍ୟ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ସେୟାର କରିଥିଲେ । ଭିଡିଓରେ ସେ ପ୍ରକାଶ କରିଛନ୍ତି ଯେ ସେ ଲୋନ୍ ସୁଜିପାରି ନଥିଲେ । ସେ କହିଛନ୍ତି ଯେ ସେ ଆଉ ଚାପ ସହି ପାରିବେ ନାହିଁ । ଭିଡିଓରେ ଚୈତନ୍ୟ କହିଛନ୍ତି, ମୋ ମା, ବାପା ଏବଂ ଭଉଣୀ ମୋର ବହୁତ ଭଲ ଯତ୍ନ ନେଇଥିଲେ ଏବଂ ମୋତେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ଦେଇନଥିଲେ । ମୁଁ ମୋର ସମସ୍ତ ସାଙ୍ଗମାନଙ୍କୁ ହୃଦୟରୁ କ୍ଷମା ପ୍ରାର୍ଥନା କରୁଛି । ମୁଁ ଅନେକ ଲୋକଙ୍କୁ ବିରକ୍ତ କରିଛି ଏଥିପାଇଁ ସମସ୍ତଙ୍କୁ କ୍ଷମା ମାଗୁଛି । ଜଣେ କେବଳ ଋଣ ନେବାକୁ ନୁହେଁ ବରଂ ସୁଜିବାର ମଧ୍ୟ କ୍ଷମତା ରହିବା ଉଚିତ କିନ୍ତୁ ମୁଁ ଏହା କରିପାରିଲି ନାହିଁ । ବର୍ତ୍ତମାନ ଏହା ମୋର ଶେଷ ଦିନ । ଏଥିସହିତ ଚୈତନ୍ୟଙ୍କ ମୃତ୍ୟୁ ଖବର ଆସିବା ପରେ ଅନେକ ପ୍ରଶଂସକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କୋରିଓଗ୍ରାଫରଙ୍କୁ ଶେଷ ସମ୍ମାନ ଜଣାଇବାକୁ ପ୍ରଶଂସକମାନେ ଟ୍ୱିଟରରେ ଶ୍ରଦ୍ଧାଞ୍ଜଳୀ ପୋଷ୍ଟ କରୁଛନ୍ତି ।

# 'ସିସୋଦିଆଙ୍କ ଘରେ ହୋଇଥିବା ବୈଠକରେ ଉପସ୍ଥିତ ଥିଲେ ରାଘବ ଚଡ୍ଡା': ଚାର୍ଜସିଟରେ ଇଡିର ଦାବି




ନୂଆଦିଲ୍ଲୀ, ୨/୫ (ଏଜେନ୍ସି) : ଦିଲ୍ଲୀ ଅବକାରୀ ଘୋଟାଲା ମାମଲାରେ ଆମ୍ ଆଦମୀ ପାର୍ଟୀ ପାଇଁ ଅଡୁଆ ତୁଟିବାର ନାଁ ନେଉନାହିଁ । ମାମଲାରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଜେଲ୍ ଯିବାକୁ ପଡ଼ିଛି । ଏପଟେ ଏବେ ଏହି ଅବକାରୀ ନୀତି ମାମଲାରେ ଇଡି ତରଫରୁ ଦାଖଲ ହୋଇଛି ଏକ ସପ୍ଲିମେଣ୍ଟ୍ରି ଚାର୍ଜସିଟ୍ । ଇଡିର ଏହି ଚାର୍ଜସିଟ୍ରେ ଅନେକ ବଡ଼ ଖୁଲାସା ହୋଇଛି । ଆଉ ଏହି ଚାର୍ଜସିଟ୍ରେ ଏବେ ଆପ୍ ସାଂସଦ ରାଘବ ଚଡ୍ଡାଙ୍କ ନାଁ ରହିଛି । ଅବକାରୀ ନୀତି ମାମଲାରେ ଏବେ ଆପର ରାଜ୍ୟସଭା ସାଂସଦ ରାଘବ ଚଡ୍ଡାଙ୍କ ନାମ ସାମ୍ନାକୁ ଆସିଛି । ଇଡିର ଚାର୍ଜସିଟ୍ ଅନୁଯାୟୀ ମନୀଷ ସିସୋଦିଆଙ୍କ ପୂର୍ବତନ ସେକ୍ରେଟେରୀ ସି ଅରବିନ୍ଦ ନିଜ ବୟାନରେ ରାଘବ ଚଡ୍ଡାଙ୍କ ନାଁ ନେଇଥିଲେ । ଚାର୍ଜସିଟ୍ରେ ମଧ୍ୟ ରାଘବ ଚଡ୍ଡାଙ୍କ ନାଁ ରହିଛି । ଅବଶ୍ୟ ଅଭିଯୁକ୍ତ ଭାବରେ ଚାର୍ଜସିଟରେ ତାଙ୍କ ନାମ ଉଲ୍ଲେଖ ହୋଇନାହିଁ । ଚାର୍ଜସିଟ୍ ଅନୁଯାୟୀ, ସି ଅରବିନ୍ଦ ନିଜ ବୟାନରେ କହିଛନ୍ତି ଯେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବାସଭବନରେ ଏକ ବୈଠକ ହୋଇଥିଲା । ଯେଉଁଥିରେ ରାଘବ ଚଡ୍ଡା, ପଞ୍ଜାବର ଅବକାରୀ କମିଶନର, ଅବକାରୀ ଅଧିକାରୀ ଏବଂ ଅନ୍ୟ ଜଣେ ଅଭିଯୁକ୍ତ ବିଜୟ ନାୟର ଏବଂ ଅନ୍ୟ ପଞ୍ଜାବ ଅବକାରୀ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଇଡି ଚାର୍ଜସିଟରେ, ବିଜୟ ନାୟର ଆମ ଆଦମୀ ପାର୍ଟୀ ପାଇଁ ଜରୁରୀ ସଦସ୍ୟ ଭାବରେ ଥିଲେ ଏବଂ ଅବକାରୀ ନୀତିକୁ ପରିଚାଳନା କରୁଥିଲେ । ଇଡି କହିଛି ବିଜୟ ନାୟର ଅରୁଣ ପିଲ୍ଲଇ, ଅଭିଷେକ ବୋଇନପଲ୍ଲୀ ଏବଂ ବୁଚୀ ବାବୁଙ୍କ ସହ ଜୁମ୍ କଲ୍ କରିଥିଲେ । ଇଡିର ଚାର୍ଜସିଟ୍ ଆହୁରି କୁହାଯାଇଛି ଯେ ଦିଲ୍ଲୀର ନୂଆ ଅବକାରୀ ନୀତି ଅରବିନ୍ଦ କେଜ୍ରିୱାଲଙ୍କ ଚିନ୍ତାଧାରା । ଏହା ସହ ଚାର୍ଜସିଟ୍ରେ ତେଲେଙ୍ଗାନାର ସିଏମ କେସିଆରଙ୍କ ଝିଅ କବିତାଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି । ଚାର୍ଜସିଟରେ ଅଭିଯୋଗ ହୋଇଛି ଯେ କବିତା ଅବକାରୀ ନୀତି ପ୍ରସ୍ତୁତ କରିବା ଏବଂ ଏହାକୁ ଲାଗୁ ହେବା ପରେ ବିଜୟ ନାୟରଙ୍କ ସହ ଅନେକ ଥର ମିଟିଂ କରିଥିଲେ ।

# ଚାଲିଥିଲା ଏଆର ରେହମାନଙ୍କ ଲାଇଭ୍ ଶୋ', ଷ୍ଟେଜ୍ ଉପରେ ଚଢ଼ି ଗୀତ ଗାଇବାକୁ ମନାକଲା ପୋଲିସ୍



ନୂଆଦିଲ୍ଲୀ, ୨।୫ (ଏଜେନ୍ସି) : ଚର୍ଚ୍ଚାରେ ଗୀତିକାର ଏଆର ରେହମାନୟ ଲାଇଭ ଶୋ'ରେ ଗୀତ ଗାଉଥିବା ସମୟରେ ଏଆର ରେହମାନଙ୍କୁ ଅଧାରୁ ଅଟକାଇଲା ପୋଲିସ୍ । ରବିବାର ପୁଣେରେ ଏକ କନସର୍ଟରେ ଗୀତ ଗାଉଥିବା ସମୟରେ ଷ୍ଟେଜ୍ ଉପରକୁ ଚଢ଼ି, ଏଆର ରେହମାନଙ୍କୁ ଗୀତ ଗାଉଥିବା ସମୟରେ ମଝିରୁ ହିଁ ଅଟକାଇଥିଲା ପୋଲିସ୍ । ସୂଚନା ଅନୁଯାୟୀ, ରବିବାର ପୁଣେର ରାଜା ବାହାଦୂର ମିଲ୍ ଅଞ୍ଚଳରେ ଏଆର ରେହମାନ ଏକ ମ୍ୟୁଜିକ୍ କନସର୍ଟ ରହିଥିଲା । ଏହି ମ୍ୟୁଜିକ୍ କନସର୍ଟରେ ହଜାର ହଜାର ଲୋକ ଯୋଗଦେଇଥିଲେ । କନସର୍ଟରେ ଲୋକେ ରେହମାନଙ୍କ ଗୀତରେ ଖୁବ୍ ଉପଭୋଗ କରୁଥିଲେ । ଏଏନଆଇର ରିପୋର୍ଟ ଅନୁଯାୟୀ, ଗୀତ ଗାଉଥିବା ସମୟରେ ଏଆର ରେହମାନ ରାତି ୧୦ ଅତିକ୍ରମ କରିସାରିଥିବା ନେଇ ଜାଣିପାରିନଥିଲେ ଏବଂ ଗୀତ ଗାଇବା ଜାରି ରଖିଥିଲେ । ଏମିତିରେ ୧୦ଟା ପରେ ପୋଲିସ୍କୁ ଶୋ' ବନ୍ଦ କରିବାକୁ ପଡ଼ିଥିଲା । କାରଣ ମ୍ୟୁଜିକ୍ କନସର୍ଟ ଆୟୋଜକଙ୍କ ପାଖରେ ୧୦ଟା ପରେ କନସର୍ଟ ଜାରି ରଖିବାକୁ ଅନୁମତି ନଥିଲାୟ ତେବେ ପୋଲିସ୍ ଦ୍ୱାରା କନସର୍ଟ ବନ୍ଦ କରାଯିବାକୁ ନେଇ କିଛି କହିନଥିବାବେଳେ । ପରବର୍ତ୍ତୀ ସମୟରେ ଏଆର ରେହମାନ ସୋସିଆଲ ମିଡିଆରେ ପୋଷ୍ଟ କରି ପୁଣେର ଜନତାଙ୍କୁ ଧନ୍ୟବାଦ ଦେଇଛନ୍ତି ଏବଂ ଖୁବଶୀଘ୍ର ପୁଣି ସେଠାକୁ ଆସି କନସର୍ଟ କରିବେ ବୋଲି କହିଛନ୍ତି ।

# ଆର୍ଥିକ ସଙ୍କଟରେ ଗୋ ଫାର୍ଷ୍ଟ !




ନୂଆଦିଲ୍ଲୀ, ୨/୫ (ଏଜେନ୍ସି) : ଗୋ ଫାର୍ଷ୍ଟ ବିମାନରେ ଯାତ୍ରା କରିବାକୁ ଟିକେଟ୍ ବୁକ୍ କରିଥିବା ଯାତ୍ରୀ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ । କାରଣ କମ୍ପାନୀ ମଇ ୩ ଏବଂ ୪ରେ ହେବାକୁ ଥିବା ବିମାନ ଉଡ଼ାଣକୁ ରଦ୍ଦ କରିଛି । ପ୍ରକୃତରେ ତେଲ କମ୍ପାନୀଙ୍କ ପାଖରେ ଥିବା ବକେୟା ପୈଠ ନକରିପାରିବାରୁ ଏୟାର ଲାଇନ୍ ଏହି ନିଷ୍ପତ୍ତି ନେଇଛି । ରିପୋର୍ଟ ଅନୁଯାୟୀ, ଗୋ ଫାର୍ଷ୍ଟ କ୍ୟାଶ୍ ଆଣ୍ଡ୍ କ୍ୟାରି ମୋଡରେ କାର୍ଯ୍ୟ କରୁଛି । ଅର୍ଥାତ୍ ଏୟାର ଲାଇନ୍କୁ ପ୍ରତିଦିନର ଉଡ଼ାଣ ହିସାବରେ ତେଲ କିଣିଥାଏ ଏବଂ ସେହି ଅନୁଯାୟୀ ଇନ୍ଧନ ପାଇଁ ପୈଠ କରିବାକୁ ପଡ଼ିଥାଏ । ତେଣୁ ଏହି ବକେୟା ପେଠ ହୋଇପାରୁନଥିବାରୁ ଉଡ଼ାଣରେ ସମସ୍ୟା ହୋଇପାରେ । ବନ୍ଦ ବିମାନ ବନ୍ଦ ହୋଇପାରେ । ପ୍ରକୃତରେ ଗୋ ଫାର୍ଷ୍ଟ ଏୟାଲାଇନକୁ ଗୁରୁତର ଭାବରେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡୁଛି । ନଗଦ ଅଭାବ ଫଳରେ ଏୟାରଲାଇନ୍ସର ଅଧାରୁ ଅଧିକ ଉଡ଼ାଣ ବନ୍ଦ ରହିଛି । ୩୧ ମାର୍ଚ୍ଚ ସୁଦ୍ଧା ଗୋ ଫାର୍ଷ୍ଟ ବିମାନର ୩୦ ବିମାନ ଉଡ଼ାଣ ବନ୍ଦ ହୋଇଛି । ଯେଉଁଥିରୁ ୯ ବିମାନ ପାଇଁ ଲିଜ୍ ପେମେଣ୍ଟର ପୈଠ କରିବା ବାକି ରହିଛି । ଗୋ ଫାର୍ଷ୍ଟ ପାଖରେ ୬୧ ଏୟାରକ୍ରାଫ୍ଟ ରହିଛି ଯେଉଁଥିରେ ୫୬ A32neos ଏବଂ ୫ A320ceos ରହିଛି । ଗୋ ଫାର୍ଷ୍ଟ ଏୟାରଲାଇନ ନିବେଶ ସନ୍ଧାନରେ ମଧ୍ୟ ରହିଛି । ସୂଚନାଥାଉକି, ୨୦୧୯ରେ ଋଣ ବୋଝ କାରଣରୁ ଜେଟ୍ ଏୟାରୱେଜ୍ର ଉଡ଼ାଣ ସେବା ବନ୍ଦ ହୋଇଥିଲା । ଏହା ପରେ କମ୍ପାନୀ ଦେବାଳିଆ ସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା । ଏହା ପରେ ଏବେ ଜାଲାନ-କାଲରକ୍ ସମୂହ ଏହାର ଅଧିଗ୍ରହଣ କରିଛି ।

# ଶରଦ ପାୱାରଙ୍କ ଇସ୍ତଫା; ଏନସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା



ମୁମ୍ବାଇ, ୨।୫ (ଏଜେନ୍ସି) : ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ କୁହାଯାଉଥିବା ଶରଦ ପାୱାର ଏନସିପି ଅଧ୍ୟକ୍ଷ ପଦରୁ ଇସ୍ତଫା । ପଦ ଛାଡ଼ିବା ମଙ୍ଗଳବାର ସେ ଘୋଷଣା କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନକୁ ଆଉ ଗୋଟିଏ ବର୍ଷରୁ କମ ସମୟ ବାକି ରହିଛି, ଏହା ପୂର୍ବରୁ ବଡ଼ ନିଷ୍ପତ୍ତି କ୍ରମେ ସେ ଏହି ଘୋଷଣା କରିଛନ୍ତି । ସେପଟେ ପାୱାରଙ୍କ ସମର୍ଥକ ତାଙ୍କ ଇସ୍ତଫାକୁ ସ୍ୱୀକାର କରିବା ସପକ୍ଷରେ ନାହାନ୍ତି । ନିଷ୍ପତ୍ତି ପ୍ରତ୍ୟାହାର କରିବା ପାଇଁ ସମର୍ଥକମାନେ ଦାବି କରିଛନ୍ତି । ଆଗକୁ ନିର୍ବାଚନ ଥିବାରୁ ବର୍ତ୍ତମାନ ସମୟରେ ଦଳକୁ ତାଙ୍କର ଆବଶ୍ୟକତା ରହିଛି ବୋଲି ସମର୍ଥକମାନେ କହିଛନ୍ତି । ପଦ ଛାଡିବା ପରେ ପାୱାର କହିଛନ୍ତି, 'ଅନେକ ବର୍ଷ ଏନସିପିର ଅଧ୍ୟକ୍ଷତା କରିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ହେଲେ ଏବେ ବୟସ ହୋଇ ଗଲାଣି, ଏହି ବୟସରେ ଅଧ୍ୟକ୍ଷ ପଦ ସମ୍ଭାଳିବା ସମ୍ଭବ ନୁହେଁ । ଏନସିପିର ଭବିଷ୍ୟତ ପାଇଁ ଆଉ କାହାକୁ ଆଗକୁ ଆଣିବାର ସମୟ ଆସିଛି । ତେଣୁ ଦଳୀୟ ନେତାଙ୍କ ନିଷ୍ପତ୍ତି ପରେ ପରବର୍ତ୍ତୀ ଅଧ୍ୟକ୍ଷ ଘୋଷଣା କରାଯିବ' । କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିବା ଶରଦ ପାୱାର କେନ୍ଦ୍ରରେ ମନ୍ତ୍ରୀ ରହିବା ସହ ମହାରାଷ୍ଟ୍ରରେ ୪ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ମହାରାଷ୍ଟ୍ରର ମହା ବିକାଶ ଅଘାଡି ସରକାରର ମୁଖ୍ୟ ପୁରୋଧା ଥିଲେ ଶରଦ ପାୱାର । ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ମେଣ୍ଟ ସରକାର ପାଇଁ ଏନସିପି, କଂଗ୍ରେସ ଓ ଭିନ୍ନ ବିଚାରଧାରା ରଖୁଥିବା ଦଳ ଶିବସେନାକୁ ଏକଜୁଟ୍ କରିଥିଲେ ଏବଂ ଭାରତୀୟ ଜନତା ପାର୍ଟିକୁ କ୍ଷମତା ବାହାରେ ରଖିଥିଲେ ମହାରାଷ୍ଟ୍ର ରାଜନୀତିର ଏହି ଚାଣକ୍ୟ । ସେପଟେ ଏନସିପିରେ କିଛି ଠିକଠାକ୍ ଚାଲି ନାହିଁ ବୋଲି ଗତ କିଛି ଦିନରୁ ଚର୍ଚ୍ଚା ଆରମ୍ଭ ହୋଇଛି । ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଓ ପୁତୁରା ଅଜି ପାୱାରଙ୍କ ମଧ୍ୟରେ ସବୁ କିଛି ଠିକ୍ ନଥିବା ନେଇ ମହାରାଷ୍ଟ୍ରରେ ଚର୍ଚ୍ଚା ହେଉଛି । ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ୧୫ ଦିନ ପୂର୍ବେ ଏନସିପିରେ ରାଜନୈତିକ ବିସ୍ଫୋରଣ ହେବ ବୋଲି ସୂଚନା ଦେଇଥିଲେ । ଗୋଟିଏ ଦିଲ୍ଲୀରେ ଏବଂ ଗୋଟିଏ ମହାରାଷ୍ଟ୍ରରେ ହେବ ବୋଲି ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଥିଲେ । ଶରଦ ପାୱାର ପଦ ଛାଡିବା ପରେ ଏନସିପି ଅଧ୍ୟକ୍ଷ କିଏ ହେବ ସେନେଇ କୌଣସି ଘୋଷଣା ହୋଇନାହିଁ । ଅନ୍ୟପଟେ ଅଜି ପାୱାର ବିଜେପି ଆଡକୁ ଢଳୁ ଥିବାରୁ ଶରଦ ପାୱାର ଏହି ମାଷ୍ଟର ଷ୍ଟ୍ରୋକ୍ ଖେଳିଥିବା କୁହାଯାଉଛି ।

# ଅଙ୍ଗନବାଡି ଦିଦିଙ୍କ ଖେଳ ଶିଶୁ କନ୍ୟାର ଜୀବନ ପାଇଁ କାଳ

ରାଉରକେଲା, ୨।୫ (ଶ୍ରୁ.ମି) : ରଘୁନାଥପାଲ୍ଲୀ ଥାନା ଅଞ୍ଚଳରେ ଥିବା ପାନପୋଷ ଖଣିଆବାହାଲ ବସ୍ତିରେ ରହୁଥିବା କାମୋନ କିସପଟ୍ଟାଙ୍କ ୪ ମାସର ଶିଶୁ କନ୍ୟା ଆରୋହିକୁ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରର ଦିଦି ଗୋଟିଏ ଦଫା ଏକାସାଭ୍‌ଗରେ ଡିଏମଟି ଟିକା ଏବଂ ପୋଲିଓ ବୁନ୍ଦା ଖୁଆଇବା ପରେ ଶିଶୁ କନ୍ୟା ଜଣଙ୍କ ପ୍ରଥମେ ଯଦିଓ କାନ୍ଦିଥିଲା । ତେବେ ଘରେ ନେବା ପରେ ସେ ଶୋଇଯାଇଥିଲା । କିଛି ସମୟ ପରେ ସେ ନ ଉଠିବାରୁ ତାକୁ ତୁରନ୍ତ ଆରଜିଏଚକୁ ଅଣାଯାଇଥିଲା । ଯେଉଁଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏକଥା ଜାଣିବା ପରେ ଅଙ୍ଗନବାଡି ଦିଦିଙ୍କ ଭୁଲ ଯୋଗୁଁ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଅଭିଯୋଗ କରି କାମେଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ କେସ ରୁଜୁ କରି ଶିଶୁକନ୍ୟାର ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି ।

# ସୁନ୍ଦରଗଡ ଜିଲ୍ଲାରେ ବିଜେଡି ଦଳ ସଞ୍ଜିବନୀ ସାଜିବେ କି ମଙ୍ଗଳା କିଷାନ



ତୃଣମୂଳସ୍ତରରେ ବୁଥ କମିଟି ଗଠନରେ ଅଣ୍ଟା ଭିଡିଥିବାବେଳେ ଭୁବନେଶ୍ୱରରେ ସୁପ୍ରିମୋ ନବୀନଙ୍କ ସହ ସାକ୍ଷାତ କରି ରଣନୀତି ପ୍ରସ୍ତୁତ କଲେ

ରାଜଗାଙ୍ଗପୁର, ୨।୫ (ଶ୍ରୁ.ମି) : ଓଡିଶାରେ ଗତ ୨୦୦୦ ମସିହାରୁ ନିରବଚ୍ଛିନ୍ନ ଭାବେ ଶାସନ ଗଦିରେ ବସିଥିବା ବିଜେଡି ଦଳ ଆସନ୍ତା ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ନିଜ ବିଜୟକୁ ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନଠାରୁ ଦଳ ରଣନୀତି ଆରମ୍ଭ କରି ଦେଇଛି । ଏଥିପାଇଁ ଓଡିଶାର ଦ୍ୱିତୀୟ କ୍ଷମତା କେନ୍ଦ୍ର କୁହାଯାଉଥିବା ୫ଟି ସଚିବ ପାଣ୍ଡିୟାନ ବାବୁ ବିଭିନ୍ନ ଯୋଜନାର ସମୀକ୍ଷା ନାମରେ ଓଡିଶାରେ ବିଭିନ୍ନ ଜିଲ୍ଲାକୁ ଘନଘନ ଗସ୍ତ କରିବା ସମୟରେ ସଂପୃକ୍ତ ଅଞ୍ଚଳରେ ଦଳର ସ୍ଥିତି ଏବଂ ସେହି ଅଞ୍ଚଳରେ ଥିବା ଗୋଷ୍ଠି କନ୍ଦଳର କାରଣ ସମ୍ବନ୍ଧରେ ଜାଣିବା ସମେତ ସର୍ବସାଧାରଣରେ ବିଶେଷ ଆଦୃତ ନେତାଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ହାସଲ କରିବା ଆରମ୍ଭ କରିଛନ୍ତି । କେବଳ ସେତିକି ନୁହେଁ ଶ୍ରୀ ପାଣ୍ଡିୟାନଙ୍କ ଅନୁଧ୍ୟାନ ପରେ ସର୍ବାଧିକ ଜନପ୍ରିୟ ନେତା ମାନଙ୍କୁ ଦଳର ସୁପ୍ରିମୋ ନବୀନ ବାବୁ ଭୁବନେଶ୍ୱରରେ ସାକ୍ଷାତ କରି ରଣନୀତି ମଧ୍ୟ ପ୍ରସ୍ତୁତ କରୁଥିବା ଜଣାପଡିଛି । ଏହି କ୍ରମରେ ଚଳିତ ମାସର ପ୍ରଥମାର୍ଦ୍ଧରେ ସୁନ୍ଦରଗଡ ଜିଲ୍ଲାକୁ ତୋପାନି ଗସ୍ତରେ ଆସିଥିବା ୫ଟି ସଚିବଙ୍କ ଗସ୍ତ ପରେ ଏକଦା ଓଡିଶାର ବରପୁତ୍ର, କଳିଙ୍ଗ ବୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ବାପା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହ ରାଜନୀତି କରିଥିବା ୫ ଥର ବିଧାୟକ ଏବଂ ଥରେ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବାବେଳେ ବିଜୁ ବାବୁଙ୍କ ସମୟରେ ଜଙ୍ଗଲ ପରିବେଶକ୍ଷ ଏବଂ ଆଦିବାସୀ ବିକାଶ ମନ୍ତ୍ରାଳୟ ଏବଂ ନବୀନ ବାବୁଙ୍କ ସମୟରେ ଜଳ ସଂପଦ ବିଭାଗ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇଥିବା ସୁନ୍ଦରଗଡ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ରାଜଗାଙ୍ଗପୁର ବିଧାସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଆଦବାସୀ ନେତା ମଙ୍ଗଳା କିଷାନ ଗତ ନିର୍ବାଚନରେ ବିରୋଧି କଂଗ୍ରେସ ପ୍ରାର୍ଥିଙ୍କ ଠାରୁ ମାତ୍ର ୮୨୫ ଖଣ୍ଡ ଭୋଟରେ ହାରିଯିବା ପରେ ଦଳ ମଧ୍ୟରେ ଥିବା କୁଚକ୍ରାନ୍ତକାରୀ ଜୟଚନ୍ଦ୍ର ରୂପୀ ନେତାମାନେ ମଉକା ଦେଖି ଛକା ମାରିବାର ପରି ନାନାଦୀ ପ୍ରକରରରେ ମିଥ୍ୟା କଥା ମାନ ପ୍ରଚାର କରି ଦଳରେ ନିଜର ପ୍ରତିଷ୍ଠା ଜାହିର କରିବା ପାଇଁ ମଙ୍ଗଳା ବାବୁଙ୍କୁ ପ୍ରତ୍ୟକ୍ଷରେ ବଦନାମ କରିବା ପାଇଁ ସତଚେଷ୍ଟା କରିଥିଲେ ସତ ତେବେ ସମୟର କାଳସ୍ରୋତରେ ହାଇକମାଣ୍ଡ ଏହି କୁଚକ୍ରାନ୍ତକାରୀ ଜୟଚନ୍ଦ୍ର ରୂପୀ ଦଳ ବିରୋଧୀଙ୍କ ଷଡଯନ୍ତ୍ରକୁ ବୁଝିବା ପରେ ପୁଣି ଥରେ ମଙ୍ଗଳାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ଜଣାପଡିଛି । ଏପରିକି ଆସନ୍ତା ୨୦୨୪ ନିର୍ବାଚନର ସମଗ୍ର ସୁନ୍ଦରଗଡ ଜିଲ୍ଲା ନିର୍ବାଚନ କଥା ବୁଝିବା ପାଇଁ ମଙ୍ଗଳା ବାବୁଙ୍କୁ ଏକ ପ୍ରମୁଖ ଭୂମିକା ନେବା ପାଇଁ ପରାମର୍ଶ ଦେଇଛନ୍ତି । ନିକଟରେ ଭୁବନେଶ୍ୱର ଗସ୍ତରେ ଯାଇଥିବା ମଙ୍ଗଳା ଦଳର ସୁପ୍ରିମୋ ନବୀନଙ୍କୁ ସାକ୍ଷାତ ବେଳେ ନବୀନ ବାବୁ ମଙ୍ଗଳାଙ୍କୁ ଦଳର ସ୍ଥିତି ମଜଭୂତ କରିବା ସହ ଆଗାମୀ ସାଧାରଣ ନିର୍ବାଚନକୁ ଆଖିରେ ରଖି ଦଳୀୟ କାର୍ଯ୍ୟରେ ସକ୍ରିୟ ହୋଇ ଆଗେଇ ଯିବାର ସଙ୍କେତ ମଧ୍ୟ ଦେଇଛନ୍ତି । ବର୍ତ୍ତମାନ ମଙ୍ଗଳା ବାବୁ ସୁପ୍ରିମୋଙ୍କଠାରୁ ଗ୍ରିନ ସିଗନାଲ ପାଇବା ପରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ରାଜଗାଙ୍ଗପୁର ବ୍ଲକର ୨୦ଟି ପଞ୍ଚାୟତ, କୁତ୍ରା ବ୍ଲକର -୧୬ଟି ପଞ୍ଚାୟତ ଏବଂ ଲାଠିକଟା ବ୍ଲକର ୧୧ଟି ପଞ୍ଚାୟତରେ ତୋଫାନି ଗସ୍ତ କରି ବୁଥ କମିଟିର କର୍ମକର୍ତ୍ତାମାନଙ୍କୁ ସାକ୍ଷାତ କରିବା ସହ ସଂପୃକ୍ତ ଅଞ୍ଚଳରେ ଥିବା ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନର ସଦସ୍ୟମାନଙ୍କୁ ମଧ୍ୟ ସାକ୍ଷାତ କରି ତୃଣମୂଳସ୍ତରରେ ବିଜେଡି ଦଳକୁ ମଜବୁତ କରିବାରେ ଅଣ୍ଟା ଭିଡି ବାହାରିଥିବା ଜଣାପଡିଛି । ଦଳ ଭିତରେ ମଙ୍ଗଳାଙ୍କ ସକ୍ରିୟତା ଏବଂ ମଙ୍ଗଳାକୁ ସୁପ୍ରିମୋଙ୍କ ପ୍ରାଧାନ୍ୟ ଦେବା ଦେଖି ବିରୋଧିଙ୍କ ମନରେ ଏବେଠାରୁ ସେମାନଙ୍କର ଭବିଷ୍ୟତକୁ ନେଇ ଭୟ ସଂଚାର ହୋଇଛି ।

## ମୋବାଇଲ ଚୋର ଗିରଫ : ଏକାଧିକ ମୋବାଇଲ ଜବତ

*କିଞ୍ଜିରିକେଲା, ୨।୫ (ଶ୍ରୁ.ମି) : କିଞ୍ଜିରିକେଲା ଥାନା ଅଞ୍ଚଳରେ ହୋଇଥିବା ଏକାଧିକ ଚୋରି ଘଟଣାର ତଦନ୍ତ କରୁଥିବା ପୋଲିସ*



*ବିଭିନ୍ନ ସ୍ଥାନରେ ଚଢାଉ କରି ଜଣେ ମୋବାଇଲ ଚୋରକୁ ଗିରଖ କରିବା ସହିତ ତାନିକଟରୁ ଏକାଧିକ ଚୋରି ମୋବାଇଲ ମଧ ଜବତ କରିଥିବା ଜଣାପଡିଛି ।*

## ଓଏସଇବି କର୍ମଚାରୀ ୟୁନିୟନର ଶ୍ରମିକ ଦିବସ ପାଳନ




ରାଉରକେଲା, ୨।୫ (ଶ୍ରୁ.ମି) : ଓଡିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ଦ୍ୱାରା ବିଶ୍ୱ ଶ୍ରମିଶକ ଦବିସ ପାଳନ ହୋଇଯାଇଛି । ଉଦିତନଗରଠାରେ ଥିବା ୟୁନିୟନ କାର୍ଯ୍ୟାଳୟରେ ୟୁନିୟନର ସଭାପତି ହରିହର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ଶ୍ରମିକ ନେତା ବିଷ୍ଣୁ ମହାନ୍ତି ନିଜ ବକ୍ତବ୍ୟରେ ଶ୍ରମିକ ଦିବସର ସ୍ମୃତି ଚାରଣ କରିବା ସହ ନିଜର ସ୍ୱାର୍ଥରକ୍ଷା ପାଇଁ ଶ୍ରମିକ ସମାଜ ଏକ ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଶ୍ରମିକ ନେତା ବିମାନ ମାଇତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିବାବେଳେ କାର୍ଯ୍ୟାଳୟରେ ଶ୍ରମିକ ନେତା ରାଜକିଶୋର ପ୍ରଧାନ, ସନ୍ତୋଷ ସାହୁ, ବିଜୟ କୁମାର ପ୍ରଧାନ ଏହି ଅବସରରେ ସବଡେଗା, ହେମଗିରି, ଲାଠିକଟା, ବଡଗାଁ, ଲହୁଣୀପଡା, ରାଜଗାଙ୍ଗପୁର, କୋଇଡା, ବଣେଇଗଡ, କୁଆଁରମୁଣ୍ଡା, କଲୁଙ୍ଗା, ବିରମିତ୍ରପୁର, ସୁନ୍ଦରଗଡ, ଉଜ୍ଜ୍ୱଳପୁର, ଆଦି ଅଞ୍ଚଳରୁ ବିଦ୍ୟୁତ୍ କର୍ମଚାରୀମାନେ ମଧ୍ୟ ଯୋଗଦେଇଥିଲେ । ୨

## ରାଜଗାଙ୍ଗପୁର ପୋଲିସକୁ ବଡ ସଫଳତା
## କୁକୁଡା ଲଢେ଼ଇ ଏବଂ ଜୁଆ ଖେଳ ସ୍ଥାନରୁ ୩୬ ଜୁଆଡୀ ଗିରଫ



ରାଜଗାଙ୍ଗପୁର, ୨।୫ (ଶ୍ରୁ.ମି) : ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଥିବା ମାଲିଡିହି ଗ୍ରାମର ପାତ୍ରାଟୋଲିଠାରେ ବେଆଇନ ଜୁଆ ଖେଳ ଓ କୁକୁଡା ଲଢ଼େଇ ଚାଲୁଥିବା ଖବର ପାଇ ରାଜଗାଙ୍ଗପୁର ଏସଡିପିଓଙ୍କ ନେତୃତ୍ୱରେ ଥାନା ଆଇଆଇସି ବିଉସ୍ମ କୁମାର ପ୍ରଧାନଙ୍କୁ ନେଇ ଏକ ଦଳ ଅଚାନକ ଚଢାଉ କରିଥିଲେ । ଏହି ଚଢାଉରେ ପୋଲିସ ଘଟଣାସ୍ଥଳର ୩୬ ଜଣ ଜୁଆଡିଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ୨ଟି ୪ ଚକିଆ ଗାଡି, ୨୮ଟି ମୋଟରସାଇକେଲ, ୬ଟି କୁକୁଡା ଏକାଧିକ ମୋବାଇଲଫୋନ ଏବଂ କୁକୁଡା ଲଢ଼େଇରେ ବ୍ୟବହୃତ ସାମଗ୍ରୀ ଓ ନଗଦ ୩୬,୧୯୦ ଟଙ୍କା ମଧ୍ୟ ଜବତ କରାଯାଇଥିବା ଜଣାପଡିଛି ।



## ଖଣ୍ଡାଧାର ଜଳ ପ୍ରପାତରେ ପଡି ୧ ମୃତ



ଲହୁଣୀପଡା, ୨।୫ (ଶ୍ରୁ.ମି) : ଲହୁଣୀପଡା ଥାନା ଅଞ୍ଚଳରେ ଥିବା ବାରସୁଆଁ ନିକଟସ୍ଥ ଖଣ୍ଡାଧାର ଜଳପ୍ରପାତକୁ କେ ବଲାଙ୍ଗ ଥାନା ଅଞ୍ଚଳରେ ଥିବା କାଲଟା ଗ୍ରାମର ଲୋପା ମୁଣ୍ଡା ହରୋ ନିଜ ସାଙ୍ଗ ମାନଙ୍କ ସହ ବୁଲିବା ପାଇଁ ଯାଇଥିବାବେଳେ ଏକ ପଥର ଉପରେ ଠିଆ ହୋଇ ସେଲଫି ନେବାବେଳେ ଅସାବଧାନତାବଶତଃ ତଳକୁ ଖସିପଡି ମୃତ୍ୟୁବରଣ କରିଥିଲେ । ଦୂର୍ଘଟଣା ସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ଜବାନଙ୍କ ସହ ଯୋଗରେ ମୃତ ଦେହ ଉଦ୍ଧାର ପାଇଁ ଚେଷ୍ଟା ଚଳାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସଫଳ ହୋଇନଥିବା ଜଣାପଡିଛି ।

## ଓମକାର ସାହୁଙ୍କ ପରିବାରକୁ ମିଳିଲା ଅଣସଂଗଠିତ ଶ୍ରମିକ ସହାୟତା



ଚମ୍ପୁଆ, ୨।୫ (ଶ୍ରୁ.ମି) : ଚମ୍ପୁଆ ସଦର ମହକୁମାରେ ଦିର୍ଘ ୩୦ ବର୍ଷ ଧରି ଖବର କାଗଜ ବିକ୍ରି କରୁଥିବା ଓମ୍‌କାର ସାହୁଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାରକୁ ଅଣସଂଗଠିତ ଶ୍ରମିକ ସହାୟତା ବାବଦକୁ ଏକ ଲକ୍ଷ ଟଙ୍କାର ସହାୟତା ରାଶି ସରକାରଙ୍କ ତରଫରୁ ପ୍ରଦାନ କରାଯାଇଛି । ସୂଚନା ମୁତାବକ ବହୁ ବର୍ଷ ଧରି ବିଭିନ୍ନ ଖବର କାଗଜର ବିକ୍ରୟତା ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ସ୍ୱର୍ଗତ ସାହୁ କିଛି ଦିନ ଧରି ଅସୁସ୍ଥ ରହିଥିଲେ । ତାଙ୍କୁ ଚମ୍ପୁଆ ଡାକ୍ତର ଖାନାରେ ଚିକିତ୍ସା କରାଯିବା ପରେ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାଂ'ର କରାଯାଇଥିଲା । ସେଠାରେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହେଇଥଲା । ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ ହେଇଥଲା । ଗତ ୧ ତାରିଖ ଶ୍ରମିକ ଦିବସ ଅବସରରେ ଜିଲା ସଂସ୍କୃତି ଭବନଠାରେ ଆୟୋଜିତ କାଯ୍ୟକ୍ରମରେ ମୂଖ୍ୟଅତିଥି ଜିଲାଯୋଜନା ବର୍ଡ ଅଧକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ସ୍ୱର୍ଗତ ଓମକାର ସାହୁଙ୍କ ପତ୍ନୀ ରିଙ୍କୁ ସାହୁକୁ ୧ ଲକ୍ଷ ଟଙ୍କାର ସହାୟତାରାଶି ଚେକ ମାଧମରେ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ. ଡିଭିଜିନାଲ ଲେବର କମିସନର ନରେନ୍ଦ୍ର ବୈପାଇ. ଜିଲା ଶ୍ରମଅଧିକାରୀ ସୂର୍ଯ୍ୟନାରାୟଣ ମାଳି ଓ ଉପଖଣ୍ଡ ଶ୍ରମ ଅଧିକାରୀ ପୁଷ୍ପ ମିଂଜ ପ୍ରମଖ ଉପସ୍ଥିତ ଥିଲେ ।

## ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଅନ୍ନ ପ୍ରସାଦ ସେବା

ଜଗତସିଂହପୁର, ୨।୫ (ଶ୍ରୁ.ମି) : ଜିଲ୍ଲା ରୋଟାରୀ କ୍ଲବ ଓ ଜିଲ୍ଲା ସମାଜସେବୀ ମହାସଂଘ ସହାୟତାରେ ଆଜି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିଶୁଳ୍କ ଅନ୍ନ ପ୍ରସାଦ ସେବାର ବ୍ୟବସ୍ଥା କରାଯାଇଥିଲା । ମାସର ଶେଷ ରବିବାର ଜଗତସିଂହପୁର ସହରର ସମସ୍ତ ଦୋକାନବଜାର । ମୁଖ୍ୟଚିକିତ୍ସାଳୟ ପରିସରରେ ଥିବା ଆହାରକେନ୍ଦ୍ର ବନ୍ଦ ରହୁଥିବାରୁ ଗରିବ ,ନିଃସହାୟ ,ଓ ମୁଖ୍ୟଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଖାଦ୍ୟ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ସମସ୍ୟାକୁ ହୃଦୟଙ୍ଗମ କରି ଜିଲ୍ଲା ରୋଟାରୀକ୍ଲବ ଓ ଜିଲ୍ଲା ସମାଜସେବୀ ମହାସଂଘର କର୍ମକର୍ତ୍ତାମାନେ ଏହି ମହନୀୟ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇ ଏହି କାର୍ଯ୍ୟ ପ୍ରତ୍ୟେକମାସର ଶେଷ ରବିବାର କରିଆସୁଛନ୍ତି ।

## ପ୍ରଧାନ ଶିକ୍ଷକଙ୍କ ଅବସର କାଳୀନ ସମ୍ବର୍ଦ୍ଧନାୟ



ତେଲକୋଇ, ୨।୫ (ଶ୍ରୁ.ମି) : ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆ ପଞ୍ଚାୟତ କତରାପାଲି ଗ୍ରାମ ବାଲିସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଙ୍କୁ ଗତ ୩୦ତାରିଖ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇଛି ଯପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ବିଭାଗ ର ଅତିରିକ୍ତ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇ ଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ମିନାକ୍ଷୀ ଦେ, ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ଦେବାନନ୍ଦ ସାହୁ, ସିଆରସିସି ନିର୍ମଳ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଙ୍କ ଜୀବନୀ ଓ ତାଙ୍କର ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟରେ ମହାନତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସମେତ ଛାତ୍ରଛାତ୍ରୀ ମାନେ ସାମିଲ ରହିଥିଲେ । ପରିଶେଷରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଶ୍ରୀ ପାତ୍ରଙ୍କୁ ଘର ବାହୁଡ଼ା କରିଥିଲେ ।

## ସିଆଇଟିୟୁ ଓ ସିସିୟୁଏ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

### *ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅଧିକାର ର ସୁରକ୍ଷା ପାଇଁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବାକୁ ଆହ୍ୱାନ : ସି ଆଇଟିୟୁ*




ରାଉରକେଲା, ୨।୫ (ଶ୍ରୁ.ମି) : ଶ୍ରମିକ - କର୍ମଚାରୀ ସମନ୍ୱୟ ସମିତି ( ସି ସି ୟୁ ଏ) ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଆଜି ରାଉରକେଲା ରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ବିଭିନ୍ନ ୟୁନିୟନର ଅଫିସରେ ପତାକା ଉତ୍ତୋଳନ କରାଯିବା ସହ ଶ୍ରମିକ ସମାବେଶ ଓ ଶୋଭାଯାତ୍ରା ସଂଗଠିତ କରାଯାଇଛି । ସି ଆଇ ଟି ୟୁ ଜିଲ୍ଲା କାର୍ଯ୍ୟାଳୟ ଶ୍ରମିକ ଭବନ ସେକ୍ଟର ୧୬ ଠାରେ ଶ୍ରମିକ ଶ୍ରେଣୀର ଲାଲ ପତାକା ଉତ୍ତୋଳନ କରିଥିଲେ ସି ଆଇ ଟି ୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିୟ କେବଳ ରାଉରକେଲା ନୁହେଁ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସି ଆଇ ଟିଣ୍ଟ ୟୁ ସହବନ୍ଧିତ ଖଣି ଶ୍ରମିକ, ଇସ୍ପାତ ଶ୍ରମିକ, ଠିକା ଶ୍ରମିକ, କୋଇଲା ଶ୍ରମିକ, ଶିଳ୍ପ ଶ୍ରମିକ, ଆଶା, ଅଙ୍ଗନବାଡ଼ି, ପାଚିକା, ନିର୍ମାଣ, ବ୍ୟବସାୟୀକ ପ୍ରତିଷ୍ଠାନ ର ଶ୍ରମିକ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ସଭା ମାଧ୍ୟମରେ ଶ୍ରମିକ ଦିବସ ପାଳନ କରିଥିଲେ । ଅପରାହ୍ନ ରେ ସେକ୍ଟର ୪ ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ସେକ୍ଟର ୩ ଘରୋଇ ବସଷ୍ଟାଣ୍ଡ ଠାରେ ଅନୁଷ୍ଠିତ ଶ୍ରମିକ ସମାବେଶ ରେ ସି ଆଇ ଟି ୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ବକ୍ତବ୍ୟ ରଖି ଶ୍ରମିକ ଶ୍ରେଣୀ ର ଓ ମାନବ ସଭ୍ୟତାର ଏକ ମାତ୍ର ବିକଳ୍ପ ହେଉଛି ସମାଜବାଦ । ମେ ପହିଲା ର ଇତିହାସ ହେଉଛି ସଂଘର୍ଷମୟ ଇତିହାସ । ଆଜିର ଦିନରେ ଶ୍ରମିକ ଶ୍ରେଣୀ ଶପଥଗ୍ରହଣ ନେବାର ଆବଶ୍ୟକତା ରହିଛି । ଆଜି କେନ୍ଦ୍ର ସରକାର ଦେଶର ଶ୍ରମିକ, କୃଷକ ମାନଙ୍କ ବିରୋଧରେ ଯେଉଁ ଆକ୍ରମଣ କରି ଚାଲିଛି ତା ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ସେ ଆହ୍ୱାନ କରିଥିଲେ । ସି ଆଇ ଟି ୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ,ସି ସି ୟୁ ଏ ଜିଲ୍ଲା ଆବାହକ ଭାଗିରଥି ଟୁଡୁ ଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରମିକ ସମାବେଶ ରେ ସି ଆଇ ଟି ୟୁ ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ସଂପାଦକ ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼, ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ରାଜ୍ୟ କମିଟି ସଦସ୍ୟ ରାଜ କିଶୋର ପ୍ରଧାନ, ତାଜମୁନ୍ ନେହାର, ଯଯାତି କେଶରୀ ସାହୁ,ବି ପି ମହାପାତ୍ର, ଅକ୍ଷୟ ମହାନ୍ତ, ରତ୍ନାକର ନାୟକ, ଅଜୟ ଶର୍ମା, ଅଜିତ ଏକ୍କା, ସୁଧାଂଶୁ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଶ୍ରମିକ, କୃଷକ ମାନଙ୍କ ବୃହତ୍ତର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେୟ ଏହି ଶ୍ରମିକ ସମାବେଶ କୁ ସି ଆଇ ଟି ୟୁ ନେତା ସାଲୋମୀ ମିଞ୍ଜ, ସୁରେନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ନାୟକ, ଅରିନ୍ଦମ ଦତ୍ତ, ବିଶ୍ୱଜିତ ମାଝୀ,ବିନୟ ବେଉରିଆ, ଦିବାକର ମହାରଣା,ବସନ୍ତ ପାଢ଼ୀ, ଦେବାନନ୍ଦ ରାଉତ, ନୃସିଂହ ନାରାୟଣ ପାଣିଗ୍ରାହୀ,ଜଞ୍ଜେଶ୍ୱର ସାହୁ, ସଂଗ୍ରାମ ସାମଲ, ସୁରେଶ ବେହୁରିଆ, ରଂଜନ ବେହେରା, ପ୍ରଦୋଷ ପରିଡ଼ା, ଅକ୍ଷୟ ରାଉତ, ଶିବରାମ ବେହେରା, ସୁଦର୍ଶନ ଜେନା,ମିନ କେତେକ ରାଉତ, କ୍ଷିରୋଦ ବେହେରା,ସି ଦିବାକର ରାଓ, ଚୈତନ୍ୟ ମଲ୍ଲିକ, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ଶ୍ରାବଣ ମଲ୍ଲିକ, ବାସନ୍ତୀ କୁକୁର, ବୁବୁନ ମାଇତି, ପ୍ରଦିପ ଗୌଡ, କବି ପ୍ରଧାନ, ଆଭା ଖେସ,ଅନିତା ଲାକ୍ରା,ମଞ୍ଜୁ ଓରାମ, ସୌଦାମିନୀ ଦାସ, ପ୍ରମୁଖ ପରିଚାଳନା କରିଥିଲେ ।

## ବନବିଭାଗ ଦ୍ୱାରା ଗ୍ରାମବାସୀଙ୍କୁ ଉପକରଣ ବଣ୍ଟନ

*ହେମଗିରି, ୨।୫ (ଶ୍ରୁ.ମି) : ସୁନ୍ଦରଡ ବନଖଣ୍ଡ ଅଧିନରେ ଥିବା ବିଭିନ୍ନ ରେଞ୍ଜରେ କାର୍ଯ୍ୟରତ ଭିଏଲଏସ ସଦସ୍ୟମାନଙ୍କୁ ବନବିଭାଗ ଦ୍ୱାରା ମାପ ଓଜନ ମେସିନ ଓ ସ୍ପ୍ରେ ମେସିନ ଆଦି ବଣ୍ଟନ କରାଯାଇଅଛି । ଯଦ୍ୱାରା ସେମାନେ ନିଜ ଉତ୍ପାଦିତ ସାମଗ୍ରୀର ସଠିକ ପରିମାଣ ଜାଣିବା ସହ ଆବଶ୍ୟକସ୍ଥଳେ ସାମଗ୍ରୀର ରକ୍ଷଣାବେକ୍ଷଣା ପାଇଁ ସ୍ପ୍ରେ ମେସିନ ଦ୍ୱାରା କୀଟନାଶ ଔଷଧ ମଧ୍ୟ ସିଞ୍ଚନ କରିପାରିବେ*



## ବାଣିଜ୍ୟ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା

*ମାଲକାନଗିରି, ୨।୫ (ଶ୍ରୁମି.) : ମାଲକାନିଗିରି ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ଲିଙ୍ଗରାଜ ମିଶ୍ର, ଡ.ଗୋକୁଳାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇ ବାଣିଜ୍ୟ ବିଭାଗର ବିସ୍ତାରରେ ସୁଯୋଗ ରହିଛି ।*

## ୪୬ ତମ ଓଡ଼ଗାଁ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ଜ୍ଞାନଯଜ୍ଞ ଉଦଯାପିତ



ଓଡ଼ଗାଁ, ୨/୫(ଶ୍ରୁ.ମି.) : ଅତ୍ରିମୁନୀ ପୀଠ ତଥା ସ୍ୱର୍ଣ୍ଣ କଳଶ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ଗାଁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର ପ୍ରାଙ୍ଗଣ ଭଞ୍ଜ ମଣ୍ଡପରେ ଶ୍ରୀ ରଘୁନାଥ ଚିନ୍ତନ ଚକ୍ର ଆନୁକୂଲ୍ୟରେ ୯ ଦିନ ଧରି ଚାଲିଥିବା ୪୬ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଯାଇଛି। ୯ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବ୍ରହ୍ମଚାରୀ ହିମାଂଶୁ ଜୀ-ଭଦ୍ରକ, ବସନ୍ତ କୁମାର ବିଶୋଇ- ଜଗତସିଂହପୁର, ନିରଞ୍ଜନ ଶାସନୀଆ-ବଡ଼ମ୍ବା, ପଣ୍ଡିତ ଦେବରାଜ ଦାସ-ବାଙ୍କୀ ପ୍ରବକ୍ତା ଭାବେ ଯୋଗଦେଇ ମନୁଷ୍ୟ ସମାଜକୁ ସତପଥରେ ଆଗେଇ ନେବାକୁ ରାମନାମର ମହାତ୍ମ୍ୟ ଠାରୁ ଆରମ୍ଭ କରି ଅଭିଷେକ ଓ କଳିଯୁଗ ସମ୍ପର୍କରେ ବର୍ଣ୍ଣନା କରିଥିବା ବେଳେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଶ୍ରବଣ କରୁଥିବା ଦେଖିବାକୁ ମିଳିଥିଲା। ସୋମବାର କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ବ୍ୟାସ ପୂଜା ଅନୁଷ୍ଠିତ ହୋଇଥିଲା। ୯ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ସଭାପତି ଦିଲ୍ଲୀପ କୁମାର ହୋତା ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳିତ ହେଉଥିବା ବେଳେ ଉପଦେଷ୍ଟା ସୁବାଷ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସ୍ୱାଇଁ ଏବଂ ବହୁ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିବାହ ବେଦୀରେ ଚଢ଼ାଉ କରି ନାବାଳିକା କନ୍ୟାକୁ ଉଦ୍ଧାର କଲା ନୟାଗଡ଼ ଚାଇଲଡ ଲାଇନ

ଓଡ଼ଗାଁ, ୨/୫(ଶ୍ରୁ.ମି.) : ଓଡ଼ଗାଁ ଥାନା ବାହାଡାଝୋଲା ଫାଣ୍ଡି ନୂଆଗାଁ ବ୍ଲକ ଅଞ୍ଚଳ ସୁଣ୍ଡିଝୋଲା ଗ୍ରାମର ବିବାହ ବେଦୀରେ ନୟାଗଡ଼ ଜିଲ୍ଲା ଚାଇଲଡ ଲାଇନ ଓ ଓଡ଼ଗାଁ ପୋଲିସ ମିଳିତ ଭାବେ ଚଢ଼ାଉ କରି ନାବାଳିକା କନ୍ୟାକୁ ଉଦ୍ଧାର କରିଥିବା ଜଣାପଡିଛି। ସୂଚନା ଅନୁସାରେ ବିଶେଷ ସୁତ୍ରରୁ ଖବର ପାଇ ସୁଣ୍ଡିଝୋଲା ଗ୍ରାମର ସୁକୁରୀଆ ସାହୁଙ୍କ ପୁଅ ଭଗବାନ ସାହୁ(୩୦)ଙ୍କ ଘର ଆଗରେ ଶରଣକୁଳ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଏକ ୧୬ବର୍ଷିଆ କନ୍ୟା ସହିତ ଧୁମଧାମରେ ବିବାହ ଓ ଭୋଜିଭାତ ଚାଲିଥିବା ବେଳେ ନୟାଗଡ଼ ଜିଲ୍ଲା ଚାଇଲ୍ଡ ଲାଇନ କର୍ମଚାରୀ ବିକ୍ରମ ପ୍ରଧାନ ଓ ସୁଜାତା ବେହେରା ଓ ଓଡ଼ଗାଁ ଥାନା ସବଇନ୍ସପେକ୍ଟର ସ୍ୱାଗତ ଦାସ, ମହିଳା କନେଷ୍ଟବଳ ମିଳିତ ଭାବେ ବିଳମ୍ବିତ ରାତିରେ ଚଢ଼ାଉ କରି ବିବାହ ବନ୍ଦ କରିବା ସହିତ ୧୬ ବର୍ଷିୟ କନ୍ୟାକୁ ଉଦ୍ଧାର କରି ନୟାଗଡ଼ ଚାଇଲଡ ଲାଇନ ଜ଼ିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଇବା ସହିତ ସଖୀ କେନ୍ଦ୍ରରେ ଛାଡ଼ିଥିବା ଜଣାପଡିଛି।



# ରାଜ୍ୟରେ ଓବିସି ସର୍ଭେକୁ ନେଇ ସରଗରମ ରାଜନୀତି




- ୧୫ଟି ଜାତିକୁ କେନ୍ଦ୍ର ଓବିସି ତାଲିକାରୁ ବାଦ ଦେବା ନେଇ ବର୍ଷିଲା ବିଜେପି
- ପଞ୍ଚାୟତ ଓ ପୌର ନିର୍ବାଚନରେ ୫୪% ରାଜ୍ୟବାସୀଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର କାହିଁକି ବଳିଦେଲେ
- ହାଇକୋର୍ଟରେ ସରକାର ମିଥ୍ୟା ସତ୍ୟପାଠ କରି ପଛୁଆ ବର୍ଗଙ୍କୁ ଅପମାନିତ କରିଛନ୍ତି : ଓବିସି ମୋର୍ଚ୍ଚା
- ଘରକୁ ଘର ବୁଲି ସର୍ଭେ କରିବାକୁ ଦାବି

ଭୁବନେଶ୍ୱର, ୨/୫(ଶ୍ରୁ.ମି.) : ନିକଟରେ ରାଜ୍ୟ ସରକାର ଏକ ଅଧ୍ୟାଦେଶ ଜରିଆରେ ରାଜ୍ୟରେ ଓବିସି ତାଲିକା ସର୍ଭେ ମାଧ୍ୟମରେ ଚୂଡାନ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ପରେ ସରକାରଙ୍କୁ ଘେରିଛି ବିଜେପି ଓବିସି ମୋର୍ଚ୍ଚା। ରାଜ୍ୟ ସରକାର ସର୍ଭେ ନାମରେ କେବଳ ପ୍ରବଞ୍ଚନା କରୁଛନ୍ତି ବୋଲି ମୋର୍ଚ୍ଚା ଦାବି କରିଛି। ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାର କିପରି ଭାବେ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରି ସମଗ୍ର ପଛୁଆବର୍ଗଙ୍କୁ ଅପମାନିତ କରିବା ସହ ସେମାନଙ୍କ ସ୍ୱାର୍ଥ ଉପରେ କୁଠାରଘାତ କରିଛନ୍ତି ତାହା ଏହି ନିଷ୍ପତ୍ତିରୁ ପ୍ରମାଣିତ ହୋଇଛି। ଯେତେବେଳେ ପୌର ଓ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ହୋଇଥିଲା ସେତେବେଳେ ରାଜ୍ୟ ସରକାର କହିଥିଲେ ରାଜ୍ୟରେ କେଉଁମାନେ ଓବିସି ତାହା ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ। ତେବେ ଠିକ ଏହି ଦୁଇ ନିର୍ବାଚନରେ ଏହି ବର୍ଗର ଜନପ୍ରତିନିଧିମାନଙ୍କୁ ସଂରକ୍ଷଣ ଦେବାକୁ ମନା କରିଦେବା ପରେ କିପରି ଭାବେ ସମବାୟ ନିର୍ବାଚନରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଘୋଷଣା କରିଥିଲେ। ଆଉ ଯଦି ସମବାୟ ନିର୍ବାଚନ ସମୟକୁ ରାଜ୍ୟ ସରକାରଙ୍କ ପଛୁଆବର୍ଗଙ୍କୁ ଚିହ୍ନଟ ସରିଯାଇଥିଲା ତେବେ ଏବେ ପୁଣିଥରେ କେଉଁ ପ୍ରକାର ସର୍ଭେ ଫାର୍ସ କରୁଛନ୍ତି ବୋଲି ସେ ତାସଲ୍ୟ କରିଛନ୍ତି। ଏବେ ଯେଉଁ ସର୍ଭେର ଘୋଷଣା କରାଯାଇଛି ତାହା ଏସସିବିସି ତାଲିକାକୁ ନେଇ ଚୂଡାନ୍ତ ହେବ। କିନ୍ତୁ ରାଜ୍ୟ ସରକାର ପ୍ରଥମରୁ ହିଁ କେନ୍ଦ୍ର ଓବିସି ତାଲିକାରୁ ୧୫ଟି ଜାତିକୁ ରାଜ୍ୟ ଏସସିବିସି ତାଲିକାରେ ଅଗଣତାନ୍ତ୍ରିକ ଭାବେ ବାଦ ଦେଇଛନ୍ତି। ଯେଉଁଥିରେ ଗୋପାଳ, ସୁଦଗୋପ, ତନ୍ତି ଜାତିର ଉପଜାତି କୋଷ୍ଟା, ବୁନକାର, ଖଣ୍ଡଭାଳସ, କୁବର, ସ୍ୱର୍ଣ୍ଣଶିଳ୍ପୀ,କଳାଙ୍ଗ, କୋପୁଲା, ଭେଲାମା, କଲ୍ଲଲ, କାଳନ୍ଦୀ ବୈଷ୍ଣବ ଅନ୍ତର୍ଭୁକ୍ତ। ଅପରପକ୍ଷରେ ଓଡ ଖଣ୍ଡାୟତ, ଥାନପତି, ହଳଦିଆ ତେଲି, ବଡେଇ ପରି ଅନ୍ୟ ୨୨ଟି ପଛୁଆବର୍ଗ ଜାତି ବା ଉପଜାତି ଯେଉଁମାନେ କମିସନ ନିକଟରେ ନିଜ ତରଫରୁ ସାମିଲ ହେବା ପାଇଁ ଦାବି କରିଥିଲେ ଓ ସେମାନଙ୍କୁ କମିସନ ଚିହ୍ନଟ କରି ସାମିଲ କରିଥିଲେ। କିନ୍ତୁ ରାଜ୍ୟ ସରକାର ବାରମ୍ବାର ଏ ବାବଦରେ ମିଛ କହି ଚାଲିଛନ୍ତି ଯେ, ସେ ଏହି ୨୨ଟି ଜାତି ବା ଉପଜାତିଙ୍କୁ କେନ୍ଦ୍ର ଓବିସି ତାଲିକାରୁ ନେଇଛନ୍ତି ବୋଲି ବାରମ୍ବାର ମିଥ୍ୟା କହି ଚାଲିଛନ୍ତି। ରାଜ୍ୟ ସରକାରଙ୍କ ଏପରି ମନମାନି କରି ଯେତେବେଳେ କେନ୍ଦ୍ର ଓବିସି ତାଲିକାରେ ଥିବା ୧୫ଟି ଜାତି ବା ଉପଜାତିକୁ ସାମିଲ କରୁନାହାଁନ୍ତି ସେଥିରେ ଅର୍ଡିନାନ୍ସ ମାଧ୍ୟମରେ ସର୍ବ୍ୟ ସର୍ଭେ କରାଇବା ନିଷ୍ପତ୍ତି କେବଳ ନିଜ ପାପକୁ ଢାଙ୍କିବାର ପ୍ରୟାସ ମାତ୍ର ବୋଲି ଶ୍ରୀ ସୁରଥ କହିଛନ୍ତି। ବିଜେପି ଶାସିତ ୟୁପି ଓ ମଧ୍ୟପ୍ରଦେଶରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ଦିଆଯାଇଥିବା ବେଳେ ଏଠାରେ କାହା ସ୍ୱାର୍ଥରେ ରାଜ୍ୟ ସରକାର ସେମାନଙ୍କୁ ବଞ୍ଚିତ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରରେ ୨୭ଜଣ ଓବିସି ମନ୍ତ୍ରୀ ଥିବା ବେଳେ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଓବିସି ବର୍ଗଙ୍କ ନଗଣ୍ୟ ବୋଲି ସେ ଦାବି କରିଛନ୍ତି। ଭାରତୀୟ ଜନତା ପାର୍ଟି ଏହି ଖାମଖିଆଲି ପ୍ରଚାର ସର୍ବସ୍ୱ ସର୍ଭେକୁ ବିରୋଧ କରୁଛି ଯେଉଁଠି କୌଣସି ସର୍ଭେ କରାନଯାଇ ଲୋକମାନଙ୍କୁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଘରକୁ ଘର ବୁଲି ସର୍ଭେ ନକରି ସେମାନଙ୍କୁ ଆବେଦନ କରିବାକୁ କହି ନିଜର ଦାୟିତ୍ୱ ସାରି ଦେଇଛନ୍ତି। ଏପରି ହେଲେ ଏହି ୧୫ଟି ଜାତି ବା ଉପଜାତି କେନ୍ଦ୍ର ଓବିସି ତାଲିକାରେ ରହିଛନ୍ତି ସେମାନଙ୍କୁ ପୁଣି ଥରେ ତାଲିକାରୁ ବାଦ ଦିଆଯିବାକୁ ଷଡଯନ୍ତ୍ର ହୋଇଛି ବୋଲି ସ୍ପଷ୍ଟ ଅନୁଭୂତ ହେଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ଏହି ମନମାନି ବିରୋଧରେ ଓବିସି ମୋର୍ଚ୍ଚା ରାଜ୍ୟର ସମସ୍ତ ପଞ୍ଚାୟତରେ ଓବିସି ଜନଜାଗରଣ ରଥ ବୁଲାଉଛି। ସରକାର ତୁରନ୍ତ ଏହି ୧୫ଟି ଜାତିକୁ ନିଜ ତାଲିକାରେ ସାମିଲ କରିବା ସହ ଘର ଘର ବୁଲି ସର୍ଭେ କରାଇବାକୁ ଓବିସି ମୋର୍ଚ୍ଚା ଦାବି କରିଛି। ନହେଲେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ବଡ ଆନ୍ଦୋଳନ ଓ ବିକ୍ଷୋଭର ମଧ୍ୟ କାର୍ଯ୍ୟକ୍ରମ ରହିଛି ବୋଲି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ର ସ୍ୱାଇଁ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପିର ପାରଳାଖେମୁଣ୍ଡି ବିଧାୟକ ନାରାୟଣ ରାଓ ମଧ୍ୟ ଯୋଗ ଦେଇଥିଲେ।

## ଅଜଣା ଆତତାୟୀଙ୍କ ଗୁଳିରେ ଯୁବକ ମୃତ



ବଡ଼ବିଲ: ୨/୫ (ଶ୍ରୁ.ମି.) : କେନ୍ଦୁଝର ଜିଲ୍ଲା ଖଣି ସହର ବଡ଼ବିଲରେ ପୁଣି ଫୁଟିଲା ଗୁଳି। ଏହି ଗୁଳିକାଣ୍ଡ ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ଘଟଣା ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ବଡ଼ବିଲ ମହାନ୍ତ ବସ୍ତି ଅଞ୍ଚଳରୁ କ୍ଷୀର ନେଇ ବଡ଼ବିଲ ବଜାର ଅଞ୍ଚଳ ୬ନଂ ୱାର୍ଡରେ ବାସ କରୁଥିବା ସୁନୀଲ ସିହ୍ନା ଓରଫ (ଭୋଲା ) ଘରକୁ ଫେରୁଥିଲେ। ବାଟରେ ବ୍ୟସ୍ତ ବହୁଳ ଅଂଚଳ ମୋନି ଟାୱାର ନିକଟରେ କେହିଜଣେ ଆତତାୟୀ ଭୋଲାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଏଥିରେ ଭୋଲା ରକ୍ତ ଜୁଡୁବୁଡୁ ହୋଇ ସେହିଠାରେ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ବଡ଼ବିଲ ଗାଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ବଡ଼ବିଲ ଅଞ୍ଚଳରେ ପ୍ରାସାରିତ ହେବା ପରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବଡ଼ବିଲ ଦାମୁ ହଟିଂ ଅଂଚଳ ଗୁଳିକାଣ୍ଡ ଘଟଣାକୁ ମାସେ ପୁରି ନଥିବା ବେଳେ ପୁଣି ଏକ ଗୁଳିକାଣ୍ଡ ଘଟଣାକୁ ବଡ଼ବିଲବାସୀ ସହଜରେ ଗ୍ରହଣ କରି ପାରୁନଥିବା ବେଳେ ଘଟଣା ସ୍ଥଳରେ ବଡ଼ବିଲ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ମହିଳା ସ୍ୱାସ୍ଥ୍ୟ କର୍ମୀ କଲ୍ୟାଣୀ ମହାନ୍ତଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା



ଚମ୍ପୁଆ, ୦୨/୦୫(ଶ୍ରୁ.ମି.) : ଚମ୍ପୁଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ଶ୍ରୀମତୀ କଲ୍ୟାଣୀ ମହାନ୍ତଙ୍କୁ ଜ୍ୟୋତି ପୁର ସ୍ୱାସ୍ଥ୍ୟ ଓ଼ ଆରୋଗ୍ୟ କେନ୍ଦ୍ର ସେକ୍ଟର ର ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, କର୍ମଚାରୀ ତରଫରୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜ୍ୟୋତି ପୁର ସ୍ୱାସ୍ଥ୍ୟ ଓ଼ ଆରୋଗ୍ୟ କେନ୍ଦ୍ର ସଭା ଗୃହରେ ଆୟୋଜିତ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ରେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଦୀପମାଳା ମହାନ୍ତଙ୍କ ସଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୀପକ କୁମାର ସାହୁ, ଅତିଥି, ବକ୍ତା ଭାବେ ସୁପରଭାଇଜର ସୀତାରାମ ଗିରି, ଏଲ ଏଚ ଭି- ମଞ୍ଜୁବାଳା ସେଠୀ, ସ୍ୱାସ୍ଥ୍ୟକର୍ମୀ ଅଞ୍ଜନା ରାଣୀ ମିଶ୍ର ପ୍ରମୁଖ ଯୋଗ ଦେଇ ମହିଳା ସ୍ୱାସ୍ଥ୍ୟ କର୍ମୀ କଲ୍ୟାଣୀଙ୍କ ସମୟାନୁବର୍ତ୍ତିତା, ସହଯୋଗୀତା, ଶାନ୍ତଶିଷ୍ଟ ସହନଶୀଳତା, ଜଣେ ଧର୍ମ ପରାୟଣା ମହିଳା ଭାବେ ତାଙ୍କ ବ୍ୟକ୍ତିତ୍ୱ ଗୁଣାବଳୀ ଓ଼ ଆଦର୍ଶ ଉପରେ ଆଲୋକପାତ କରି ତାଙ୍କ ଅବସର ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥ୍ୟ କର୍ମୀ ରାୟ ଚୂଡ଼ାମଣି ମହାନ୍ତ, ସ୍ୱାସ୍ଥ୍ୟକର୍ମୀ ସଞ୍ଜୟ ଧୀର, ସି ଏଚ ଓ଼ - ଦୀପ୍ତିମୟୀ ବାଗ, ଲିପାରାଣୀ ସାହୁ, ଶୁଭ ସିଗଧା ମହାନ୍ତ ସ୍ମୃତି ଚାରଣ କରି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ମହିଳା ସ୍ୱାସ୍ଥ୍ୟକର୍ମୀ କଲ୍ୟାଣୀ ମହାନ୍ତଙ୍କୁ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ- ଯୁଗଳ କିଶୋର ମହାନ୍ତ, କିରଣ ମହାନ୍ତ, ସୁରେନ୍ଦ୍ର ନାଏକ, ଶିବାନନ୍ଦ ବେହେରା, ସସ୍ମିତା ନାଏକ, ରୁକ୍ମଣୀ ମହାନ୍ତ, କମଳା ମହାନ୍ତ, କମଳିନୀ ବାରିକ, ଆରତୀ ପ୍ରଧାନ, ବନିତା ରାଣୀ ସେଠୀ, ଦମୟନ୍ତୀ ମହାନ୍ତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ଭବାନୀପାଟଣାଠାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା/କେସିଙ୍ଗା, ୦୨/୦୫(ଶ୍ରୁ.ମି.) : ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ ଭବାନୀପାଟଣା ଡ ବିଶ୍ୱଜିତ ଦାସ, ଉପ ଜିଲ୍ଲାପାଳ ଧର୍ମଗଡ ଶ୍ରୀ ବେଦ ଭୂଷଣଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୭୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୬୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୨୬ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା।



## ଉତ୍କଳ ବିଶ୍ୱବିଦ୍ୟାଳ ଗ୍ରାମୀଣ କ୍ୟାମ୍ପସର ଆଗାମୀ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବାକୁ ବିଧାୟକଙ୍କ ପରାମର୍ଶ



ଚଣ୍ଡିଖୋଲ, ୨।୫(ଶ୍ରୁ.ମି.) : ଗ୍ରାମାଂଚଳରେ ଉଚ୍ଚଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ବଡ଼ଚଣା ବ୍ଲକ ଅର୍ନ୍ତଗତ ସିହାଠାରେ ନିର୍ମାଣଧିନ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସକୁ ଆଜି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ଉତ୍କଳବିଶ୍ୱ ବିଦ୍ୟାଳୟର କୁଳାଧିପତି ସବିତା ଆଚାର୍ଯ୍ୟ, ରେଜିଷ୍ଟ୍ରାର ଅଭୟ ନାୟକ ବିଲି ଦେଖିବା ସହିତ ଆଗାମୀ ଶିକ୍ଷାବର୍ଷରେ ଏହି ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାନ ଆରମ୍ଭ କରିବା ପାଇଁ ପରାମର୍ଶ ଦେବା ସହିତ ତୁରନ୍ତ ଏହି କାର୍ଯ୍ୟକୁ ସମାପ୍ତ କରିବା ପାଇଁ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିବା ସଂସ୍ଥାର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ୟାମ୍ପସରେ ଜଣେ ଜଗୁଆଳୀ ନିଯୁକ୍ତି ଓ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସାରିବା ସହିତ କ୍ୟାମ୍ପସରେ ତୁରନ୍ତ ଏକ ଶକ୍ତିସମ୍ପନ୍ନ ବିଦ୍ୟୁତ ଟ୍ରାସ୍‌ଫରମର ବସାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ସହିତ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ନାୟକ, ସିହାପଂଚାୟତର ସରପଂଚ ଓ ପ୍ରତିନିଧି ଦିଲ୍ଲୀପ ନାୟକ, ସମିତି ସଭ୍ୟଙ୍କ ପ୍ରତିନିଧି ଦୁର୍ଗାପ୍ରସାଦ ସାହୁ, ଆମ୍ବାଅଧ ନରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## କଳାହାଣ୍ଡି ଜିଲ୍ଲାରେ ଗ୍ରୀଷ୍ମ ଅବକାଶ ସମୟରେ ୦୧ ରୁ ୧୦ ମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ପାଇଁ ଗୃହ କାର୍ଯ୍ୟ ପାଠ ସହାୟତା କେନ୍ଦ୍ର

ଭବାନୀପାଟଣା/କେସିଙ୍ଗା, ୦୨/୦୫ (ଶ୍ରୁ.ମି.) : କଳାହାଣ୍ଡି ଜିଲ୍ଲାର ପ୍ରଥମ ରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୃହକାର୍ଯ୍ୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ଆସନ୍ତା ୦୨.୦୫.୨୦୨୩ ତାରିଖରୁ ଏକ ସହାୟତା ଦେୟମୁକ୍ତ ଟୋଲ ଫ୍ରୀ ନଂ ୧୮୦୦ ୩୪୫ ୭୯୮୨ ଜାରି କରାଯାଇଛି। ଶୀକ୍ଷାର୍ଥୀମାନଙ୍କ ଦକ୍ଷତା ଓ କୌଶଳର ଅଭିବୃଦ୍ଧିକୁ ଲକ୍ଷ୍ୟରେ ରଖି ଏହି ସହାୟତା କେନ୍ଦ୍ର ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ (ପୁରୁଣା ଡି ପି ସି ଅଫିସ) ମଧ୍ୟରେ ଖୋଲାଯାଇଛି। ଏହି ଗୃହକାର୍ଯ୍ୟ ଦ୍ୱାରା ଶିକ୍ଷାର୍ଥୀ ମାନେ ପୂର୍ବଶ୍ରେଣୀର ଧାରଣାଗୁଡିକ ଦ୍ରୁତ କରିପାରିବେ ଯାହାକି ଗ୍ରୀଷ୍ମଛୁଟି ପରେ ନୂତନ ଶ୍ରେଣୀର ପାଠକୁ ସହାୟକ ହୋଇପାରିବ ବୋଲି ଜିଲ୍ଲା ଶିକ୍ଷା ପ୍ରକଳ୍ପ ସଂଯୋଜକ ତଥା ଡି ଇ ଓ ଶ୍ରୀ ସୁଶାନ୍ତ କୁମାର ଚୋପଦାର ପ୍ରକାଶ କରିଛନ୍ତି। ଏହି ଅବସରରେ ସମସ୍ତ ଶିକ୍ଷାର୍ଥୀ ଓ ଅଭିଭାବକମାନଙ୍କୁ ଅନୁରୋଧ, ଗୃହ କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ସରଳ ସମାଧାନ ପାଇଁ ତତ୍ପରତା ଦେଖାଇବେ। ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ଅନୁଭୂତ ସମସ୍ୟାର ସରଳ ସମାଧାନ ଓ ସ୍ପଷ୍ଟୀକରଣ ନିମନ୍ତେ ୧୪ ଜଣ ଶିକ୍ଷକଙ୍କୁ ନିଯୋଜିତ କରାଯାଇଛି। ମେ ମାସ ୨ ତାରିଖରୁ ସମସ୍ତ ଦିନ ମାନଙ୍କରେ ସକାଳ ୬:୦୦ ଘ: ରୁ ସନ୍ଧ୍ୟା ୬:୦୦ ଘ: ପର୍ଯ୍ୟନ୍ତ ଟୋଲ ଫ୍ରୀ ୧୮୦୦ ୩୪୫ ୭୯୮୨ ମାଧ୍ୟମରେ ଶିକ୍ଷାର୍ଥୀମାନେ ଯୋଗାଯୋଗ କରିପାରିବେ।



## ଚମ୍ପାପୁର ଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ଶୁଭ ଶିଳାନ୍ୟାସ



ଚଣ୍ଡିଖୋଲ, ୨।୫(ଶ୍ରୁ.ମି.) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଂଚାୟତର ଚମ୍ପାପୁର ସ୍କୁଲଠାରୁ ଗୋପପୁର ଭାୟା ରଘୁଦାସପୁର ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ରାସ୍ତାର ପୁନଃଉଦ୍ଧାର ପାଇଁ ଶୁଭ ଶିଳାନ୍ୟାସ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ କରକମଳରେ ହୋଇଯାଇଅଛି। ୪କୋଟି୩୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ନିର୍ମାଣ ପରେ ଛିତିଆ, ନେଳିଆ ଓ ଚମ୍ପାପୁର ୩ଗୋଟି ପଂଚାୟତ ଜନସାଧାରଣଙ୍କର ଗମନାଗମନ ପାଇଁ ବହୁ ସୁବିଧା ହେବ। ପୁର୍ବତନ ସରପଂଚ ବାସୁଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୁଭ ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ଅମର ପ୍ରସାଦ ଶତପଥୀ, ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ନାୟକ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲ୍ଲିକ, ସମାଜସେବୀ ଅମର ମହାନ୍ତି, ବିଭାଗୀୟ ସହକାରୀ ଯନ୍ତ୍ରୀ ଅନୀଲ ସେଠି, ଯନ୍ତ୍ରୀ ଜନ୍ମେଜୟ ଷଢଙ୍ଗୀ, ସରପଂଚ ଜୟନ୍ତୀ ସ୍ୱାଇଁ, ବିଜୟ ସ୍ୱାଇଁ, ସମିତି ସଭ୍ୟ ଦୀପକ ସାହୁ, ସଂଜୟ ବେହେରା, ସମାଜସେବୀ ଗିରିସ ପାତ୍ର,ଦିଲ୍ଲୀପ ରାଉତ, ବୀରେନ୍ଦ୍ର ନାଥ, ପ୍ରଦ୍ୟୁଶ ନାଥ ପ୍ରମୁଖ ଯୋଗଦେଇ ବିଧାୟକଙ୍କ ପ୍ରଚେଷ୍ଟାରେ ଏହି ରାସ୍ତାର ପୁନଃଉଦ୍ଧାର କରାଯାଉଥିବାରୁ ସମସ୍ତେ ବିଧାୟକଙ୍କୁ ସ୍ୱାଗତ ଜଣାଇଥିଲେ। ତୁରନ୍ତ ଓ ଉନ୍ନତ ମାନର କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ବିଧାୟକ ଓ ସ୍ଥାନୀୟ ଅଂଚଳ ଜନସାଧାରଣ ପରାମର୍ଶ ଦେଇଥିଲେ। ଶେଷରେ ପୂର୍ବତନ ସରପଂଚ କୈଳାସ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

## ଗଡ଼ବିଶ୍ଣୁନପୁର ପଞ୍ଚାୟତ ଉପନିର୍ବାଚନ ଶେଷ, ଆସନ୍ତା ଗୁରୁବାର ଭୋଟ ଗଣତି



ଏରସମା, ୨/୫(ଶ୍ରୁ.ମି.) : ଏରସମା ବ୍ଲକ ଗଡ଼ବିଶନପୁର ପଞ୍ଚାୟତ ଉପ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ସରପଞ୍ଚ ସ୍ୱର୍ଗତ ରମେଶ ଚନ୍ଦ୍ର ପ୍ରଧାନଙ୍କର ଗତ ୨୦୨୨ ମସିହା ନଭେମ୍ବର ୨୪ତାରିଖରେ ଅକାଳ ବିୟୋଗ ହୋଇଥିଲା, ଯେଉଁଥି ପାଇଁ ଉପନିର୍ବାଚନ ଘୋଷଣା କରାଯାଇଥିଲା। ଏହି ଉପନିର୍ବାଚନ ସ୍ୱର୍ଗତ ରମେଶ ପ୍ରଧାନଙ୍କ ପୁତ୍ର ରାଜେଶ କୁମାର ପ୍ରଧାନ ଓ କାମଦେବ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। କଡା ସୁରକ୍ଷା ବଳୟ ମଧ୍ୟରେ ଆଜି ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ କରାଯାଇ ଦିନ ଗୋଟାଏବେଳେ ଶେଷ କରାଯାଇଥିଲା। କଡା ସୁରକ୍ଷା ବଳରେ ଭୋଟ ବାକ୍ସ ଗୁଡିକୁ ନେଇ ବ୍ଲକ କାର୍ଯ୍ୟାଳୟରେ ନିର୍ମାଣ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ଭୋଟ ଗ୍ରହଣ ପାଇଁ ମୋଟ ୧୨ଟି ସ୍ଥାନରେ ୧୭ଟି ବୁଥ୍ କରାଯାଇଥିଲା। ୪ହଜାର ୬ଶହ ୩୯ମତଦାତାଙ୍କ ମଧ୍ୟରୁ ୪ହଜାର ୨ଜଣ ୮୬ପ୍ରତିଶତ ମତଦାତା ତାଙ୍କ ମତଦାନ ସାବ୍ୟସ୍ତ କରିଥିବା ଜଣାପଡ଼ୁଛି। ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏରସମା ଥାନାର ଭାରପ୍ରାପ୍ତ ଅଧିକାରୀ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ୨୫ଜଣ ଅଫିସର ୧୭ଜଣ କନେଷ୍ଟବଳଙ୍କ ସମେତ ଏକ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା। ଶୃଙ୍ଖଳିତ ଭାବେ ଉପନିର୍ବାଚନ ସରିଥିବା ବେଳେ ଆସନ୍ତା ଚାରି ତାରିଖ ଗୁରୁବାର ଦିନ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡିଛି। ଏହି ଉପନିର୍ବାଚନରେ ହାତି କାହା ମୁଣ୍ଡରେ ସୁନା କଳସ ଢାଳୁଛି କିଏ ବିଜୟର ମୁକୁଟ ପିନ୍ଧିପାରୁଛି ତାହା ଦେଖିବାକୁ ବାକି ରହିଲା।

